

ଅକ୍ଟୋବର ୨୦୧୭ ॥ଓ୩ମ୍॥ ମୂଲ୍ୟ ପ୍ରତିଖଣ୍ଡ - ୧୦ ଟଙ୍କା

ଗୁରୁକୁଳ ଆଶ୍ରମ ଆମସେନାର ମାସିକ ମୁଖପତ୍ର

# କୁଳଭୂମି


ମାନନୀୟ ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ମହୋଦୟଙ୍କୁ ଭାରତର ୧୪ ତମ ରାଷ୍ଟ୍ରପତି ହୋଇଥିବାରୁ ଗୁରୁକୁଳ ଆଶ୍ରମ ଆମସେନା ତରଫରୁ ହାର୍ଦ୍ଦିକ ଶୁଭକାମନା





ମାନନୀୟ ରାମନାଥ କୋବିନ୍ଦ

ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅନନ୍ୟ ଭକ୍ତ ଏବଂ ପ୍ରଖର ବୈଦିକ ପ୍ରବକ୍ତା ଡା. ସତ୍ୟପାଳ ସିଂହ ଜୀ ସାଂସଦ ବାଗପତ (ପୂର୍ବ କମିଶନର ବମ୍ବଇ ପୁଲିସ) କୁ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତ ସରକାର ତରଫରୁ ମାନବ ସଂସାଧନ ବିକାଶ ରାଜ୍ୟମନ୍ତ୍ରୀ ନିଯୁକ୍ତି ହୋଇଥିବାରୁ ଗୁରୁକୁଳ ଆଶ୍ରମ ଆମସେନା ତରଫରୁ ହାର୍ଦ୍ଦିକ ଶୁଭକାମନା



ମାନନୀୟ ଡା. ସତ୍ୟପାଳ ସିଂହ

## ଗୁରୁକୁଳ ଆଶ୍ରମ ଆମସେନାରେ ଆୟୋଜିତ ହୋଇଥିବା ସପ୍ତ ଦିବସୀୟ ଚରିତ୍ର ନିର୍ମାଣ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭର ତଥା ଶିବିର ସମାପନର କେତୋଟି ଦୃଶ୍ୟ

















|| ଓ୩ମ୍ ||

# କୁଳଭୂମି

ଗୁରୁକୁଳ ଆଶ୍ରମ ଆମସେନାର

**ମାସିକ ମୁଖପତ୍ର**

ବି.ସ.-୨୦୭୩ ଦୟାନନ୍ଦାବ୍ଦ: ୧୯୪

ସୃଷ୍ଟିସମ୍ବତ୍- ୧,୯୬,୦୮,୫୩,୧୧୮

ଅକ୍ଟୁବର-୨୦୧୭ ବର୍ଷ-୩୫ ଅଙ୍କ-୧୦,

**ପ୍ରତିଷ୍ଠାତା**

ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ

**ମୁଖ୍ୟସଂପାଦକ**

ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ

**ସମ୍ମାନିତ ସଂପାଦକ**

ପଣ୍ଡିତ ବିଶିକେସନ ଶାସ୍ତ୍ରୀ

ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ

ଆଚାର୍ଯ୍ୟ ବିନୟ କୁମାର ବୈଦିକ

ଆଚାର୍ଯ୍ୟ ଉମେଶ କୁମାର ମନସ୍ୱୀ

**ବ୍ୟବସ୍ଥାପକ**

ବିକାଶ କୁମାର ଶାସ୍ତ୍ରୀ

ବ୍ର. ହୃଷିକେଶ ଆର୍ଯ୍ୟ

ବାର୍ଷିକ ୧୦୦ ଟଙ୍କା, ଆଜୀବନ ୧୦୦୦ ଟଙ୍କା

ପ୍ରତିଖଣ୍ଡ ୧୦ ଟଙ୍କା

**ପ୍ରକାଶନ ଓ ମୁଦ୍ରଣ**

ଗୁରୁକୁଳ ଆଶ୍ରମ ଆମସେନା

ନୂଆପଡ଼ା : ଓଡ଼ିଶା : ୭୬୬୧୦୯

www. vedicgurukulamsena.com
E.Mail.aumgurukul@rediffmail.com
Mob- 9437070541, 9437428121,
8280209696, 8280508896.

## ସଂପାଦକଙ୍କ କଲମରୁ.........

ଆମେ ଭାରତବାସୀ ସମସ୍ତେ ଅତ୍ୟନ୍ତ ଆନନ୍ଦଉଲ୍ଲାସପୂର୍ଣ୍ଣ ବାତାବରଣ ମଧ୍ୟରେ ଯୋଗୀରାଜ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ କରିଥାନ୍ତି । ଶ୍ରୀକୃଷ୍ଣ ଭଗବାନଙ୍କୁ ବିଶ୍ୱର ସମସ୍ତେ ପ୍ରାୟ ଭଲଭାବରେ ଜାଣନ୍ତି ଏଥିରେ ସନ୍ଦେହ ନାହିଁ । ଯୋଗୀରାଜ ଶ୍ରୀକୃଷ୍ଣ ପ୍ରାଣୀ ମାତ୍ରଙ୍କେ ସମସ୍ତଙ୍କୁ ଭଲ ପାଉଥିଲେ ହେଲେ ମଧ୍ୟ ବିଶେଷଭାବେ ଗୋମାତାର ସେବାରେ ପରମ ଆନନ୍ଦ ଲାଭ କରୁଥିଲେ । ଗୋମାତାଙ୍କୁ ମାଁ ବୋଲି ଡାକୁଥିଲେ ଅସଂଖ୍ୟ ଗାଈ ତାଙ୍କ ପାଖକୁ ଚାଲି ଆସୁଥିଲେ । ସେସମୟରେ ଭାରତର ଘରେ ଘରେ ପୁରେ ପୁରେ ଗାଈର ସେବା ସୁଶ୍ରୁଷା କରୁଥିଲେ । ପତ୍ୟେକଙ୍କ ଘରେ ଗାଈ ଥିଲେ । ସକାଳୁ ଉଠିବା ପରେ ପରେ ଗୋମାତାଙ୍କ ଦର୍ଶନ ହେଉଥିଲା । ମାଁ ମାନେ ଗୋବର ପାଣିକୁ ଅଗଣାରେ ଛିଞ୍ଚି ଦେଉଥିଲେ ଯଦ୍ୱାରା କୌଣସି ବିଷାକ୍ତ ଜୀବଜନ୍ତୁ ପ୍ରବେଶ କରୁନଥିଲେ ବାୟୁରେ ଥିବା ବିଷାକ୍ତ ଅଂଶ ବିଶୁଦ୍ଧ ହେଉଥିଲା । ଗୋମାତାର ସେବାଦ୍ୱାରା ପରିବାରରେ ଶାନ୍ତି ରହୁଥିଲା । ଗୋ ଦୁଗ୍ଧ, ଗୋ ଘୃତ, ଗୋ ଲହୁଣୀ, ଗୋ ଦଧି, ଘୋଳଦହି ସେବନ କରି ଭୀମଭଳି ଯୋଦ୍ଧା, ଅର୍ଜୁନ ଭଳି ସାହସୀ ବୀର, ଦୟାନନ୍ଦ ସଦୃଶ ଋଷି, ହନୁମାନ ସଦୃଶ ବିଦ୍ୱାନ୍, ବଡ଼-ବଡ଼ ବୈଜ୍ଞାନିକ, ଆବିଷ୍କାରକ, ସମାଜ ସୁଧାରକ, ଅସଂଖ୍ୟ ଋଷି-ମୁନି, ସାଧୁ-ସନ୍ଥ, ବର୍ତ୍ତମାନ ରାମଦେବଙ୍କ ସଦୃଶ ଯୋଗୀ, ବାମଦେବ ସଦୃଶ ବୈଦ୍ୟ କେଉଁଠୁ ହେଲେ ? ସମସ୍ତେ ଗୋମାତାର ପ୍ରଦତ୍ତ ଅମୃତ ପାନଦ୍ୱାରା ସେପରି ହୋଇଛନ୍ତି ।

ଭାରତ ହେଉଛି କୃଷି ପ୍ରଧାନ ଦେଶ । ଏ ପବିତ୍ର ମାଟିରେ ଶତକଡ଼ା ୮୫ ଭାଗ ଚାଷି ରହନ୍ତି ଚାଷିର ମେରୁଦଣ୍ଡ ହେଲା ଗୋମାତା, ତାରି କୃପାରୁ ଦେଶକୁ ଶସ୍ୟ-ଶ୍ୟାମଳା କରନ୍ତି ଚାଷି ଭାଇମାନେ । ଯେଉଁ ଦିନ ଠୁଁ ଏପବିତ୍ର ଦେଶରେ ଇଂରେଜମାନେ ଶାସନ କଲେ ଗୋହତ୍ୟା ଆରମ୍ଭ ହେଲା ତଦ୍ୱାରା ଅଭ୍ୟୁଦୟ କ୍ଷୀଣ ହୋଇ ଚାଲିଲା । ଏ ଫିରଙ୍ଗୀ ମାନେ ଗୋହତ୍ୟା କରି ଗୋମାଂସ ଭକ୍ଷଣ କରି ଦେଶ ନଷ୍ଟ-

ଭ୍ରଷ୍ଟ କରି ବୁଦ୍ଧି ବିବେକ ଶୂନ୍ୟ ହୋଇଗଲେ ଭାରତୀୟ ନର-ନାରୀ । ଦେଶକୁ ୭୧ ବର୍ଷ ହେବ ସ୍ୱାଧୀନତା ଲାଭ କଲାଣି । ରୋଗର ନିଦାନ କମ୍ ହେଉନି ବରଂ ବଢ଼ି ବଢ଼ି ଚାଲୁଛି । ଏହାର କାରଣ ହେଲା ଦେଶର ନେତା "ଯଥା ରାଜା ତଥା ପ୍ରଜା'' ଗୋମାଁ କ୍ରନ୍ଦନକୁ ଶୁଣି ମଧ୍ୟ ପଦ ଲୋଲାପୀ ଭ୍ରଷ୍ଟ ନେତାମାନେ ଗୋମାଁ ପାଇଁ କିଛି କରିପାରୁ ନାହାନ୍ତି । ଯଦି ସରକାର ଚାହାନ୍ତି ତେବେ କ୍ଷଣକ ମଧ୍ୟରେ ବନ୍ଦ ହୋଇଯିବ । ପୂଜ୍ୟ ଯୋଗୀ ଆଦିତ୍ୟନାଥ ତାପାଇଁ ଚେଷ୍ଟା ଚଲାଇଛନ୍ତି କେତେ ସଫଳତା ମିଳିବ ସମୟ କହିବ । ତେଣୁ ତାଙ୍କୁ ବିଶେଷ ଧନ୍ୟବାଦ । ପରମ ଶ୍ରଦ୍ଧେୟ ରାଜେନ୍ଦ୍ର ଜୀ ପ୍ରଧାନ ମନ୍ତ୍ରୀଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ କିନ୍ତୁ ସେ କଠୋର ପଦକ୍ଷେପ ନେବା ଆବଶ୍ୟକ, ରାମ ମନ୍ଦିର ବିଷୟରେ ବିଷେଶ ଚିନ୍ତା କରିବା ଦରକାର । ଗୋ ରକ୍ଷା ପାଇଁ ବେଦେଶୀ ମୁସଲ୍‌ମାନ ଏବଂ ଇଂରେଜ ମାନଙ୍କ ଶାସନ କାଳରେ ମଧ୍ୟ ଅନେକ ବଳିଦାନୀ ଗୋରକ୍ଷା ପାଇଁ ପ୍ରାଣ ଦେଇଛନ୍ତି । ମହର୍ଷି ଦୟାନନ୍ଦ ସରସ୍ୱତୀ "ଗୌକୃଷ୍ୟାଦି ରକ୍ଷିଣୀ ସଭା'' ସ୍ଥାପନ କରି ବିଶେଷଭାବେ ଗୋମାତାର ସୁରକ୍ଷା, ପାଳନ ପୋଷଣ ବୃଦ୍ଧି, ଆର୍ଥିକ, ସାମାଜିକ ଓ ଧାର୍ମିକ ପ୍ରବୃତ୍ତିର ସମିଚୀନ ବିବେଚନା କରିଛନ୍ତି । ବେଦାଦି ଆର୍ଷ ଗ୍ରନ୍ଥ ତଥା ପୌରାଣିକ ଧାର୍ମିକ ପୁସ୍ତକରେ ଗୋମାତାର ମହିମା ବାରମ୍ବାର ବର୍ଣ୍ଣନା କରାଯାଇଛି । ତେଣୁ ଆମ୍ଭମାନଙ୍କର କର୍ତ୍ତବ୍ୟ ହେଉଛି ଯେ ଧାର୍ମିକ ସାମାଜିକ ତଥା ନୈତିକ ଦାୟିତ୍ୱକୁ ପାଳନ କରିବା ଏକାନ୍ତ ଆବଶ୍ୟକ ।

ଗୋମାତାର ସୁରକ୍ଷା ହେଉଛି ଆର୍ଯ୍ୟ ସମାଜର ଧର୍ମ । ଜନତା ଚାହୁଁଛୁ ଗୋମାତାର ସୁରକ୍ଷା ପାଇଁ କାନୁନ ତିଆରି ହେବା ଆବଶ୍ୟକ । ତାପାଇଁ ହିନ୍ଦୁମାନେ ଆନ୍ଦୋଳନ ମଧ୍ୟ କଲେ । କିନ୍ତୁ ସରକାର ମଧ୍ୟ ସୀମା ଭିତରେ ରହି ଦେସବାସୀଙ୍କ ହିତ ପାଇଁ ସମସ୍ତଙ୍କୁ ଭଲ ଲାଗିବା ଭଳିଆ ନୀତି କରି ନିର୍ମାଣ କରୁଛନ୍ତି କିନ୍ତୁ ବିରୋଧୀ ଦଳ ବିରୋଧ କରି ଜନତାକୁ ବିଭ୍ରାନ୍ତ ନକରୁ ଏବଂ ରାଜନୀତି ଲାଭ ନ ନେଉ । ଶାସନରେ ଥିବା ଦଳ ଗୋମାଂସ ଭକ୍ଷଣ କ୍ଷେତ୍ରରେ ବିଶେଷ କରି କେରଳ, ତାମିଲନାଡୁ, ତେଲଙ୍ଗାନା ଓ ଉତ୍ତର ପୂର୍ବୀ କ୍ଷେତ୍ର ମାନଙ୍କରେ ମଧ୍ୟ ନିଜ ସରକାର ସ୍ଥାପନା ପାଇଁ ପ୍ରୟନ୍ତଶୀଳ ରହିଛି । ଏଣୁ ସାବଧାନ ହୋଇ ଆଗକୁ ବଢ଼ିବ । ଗୋରକ୍ଷ ମାନଙ୍କ ଦ୍ୱାରା କାନୁନ ନିଜ ହାତକୁ ନେଇ କାହାକୁ ମାରିଦେବା ଘଟଣା ଗୁଡ଼ିକ ସରକାରଙ୍କ ସ୍ଥିତିକୁ ଡ଼ମାଡୋଲ କରିଦିଏ । ଏହା ସ୍ପଷ୍ଟଭାବେ ସଂବିଧାନର ଉଲ୍ଲଘନ ଅଟେ । ନକଲି ଗୋରକ୍ଷକ ଦଳ ମଧ୍ୟ ଥାଇ ଲୋକଙ୍କୁ ବିରୋଧ କରିବରେ ଲାଗିଥାନ୍ତି ।

ଏପରି ଘଟଣା ଗୁଡ଼ିକରୁ ଗୋରକ୍ଷକ ଦଳ ମାନଙ୍କୁ ହତାଶ ଓ ନିରାଶ ହେବାର ଆବଶ୍ୟକତା ନାହିଁ । ଅନେକ ଥର ଗୋରକ୍ଷକ ଭାଇମାନେ ନିଜ ହାଥ ପାପୁଲୀରେ ଜୀବଜନ୍ତୁ ଧରି ଗୋରକ୍ଷା ଆଗେଇ ଆସିଥାନ୍ତି ।

ବର୍ତ୍ତମାନ ଗାଦିରେ ଆସୀନ ସରକାର ଯେଉଁ ଯେଉଁ ପ୍ରଦେଶରେ ନିଜର ଶାସନ ଚାଲିଛି ସେହି ପ୍ରଦେଶ ଗୁଡିକରେ ବିଶେଷ ଭାବରେ ଗୋବଧ ନିଷେଧ କାନୁନ୍‌କୁ କଡ଼ାକଡି ଭାବରେ ଲାଗୁ କରିବା ଆବଶ୍ୟକ । କେବଳ ସରକାର କରିବେ ଏକଥା ନୁହେଁ ସମଗ୍ର ଦେଶବାସୀ ଗୋରକ୍ଷା ପାଇଁ କଟୀବଦ୍ଧ ହୋଇ ଅଗ୍ରସର ହେବା ଏକାନ୍ତ ଆବଶ୍ୟକ । ତେଣୁ ଆମ ଧର୍ମଗ୍ରନ୍ଥ ବେଦରେ କୁହାଯାଇଛି **"ଯଜମାନସ୍ୟ ପଶୁନ୍ ପାହି"**

# ଦୀର୍ଘ ଜୀବନର ଉପାୟ

ଉମେଶଚନ୍ଦ୍ର ମନସ୍ୱୀ

**ମନ୍ତ୍ର :- ଜୀବତାଂ ଜ୍ୟୋତିରଭ୍ୟେହ୍ୟର୍ବାଙ୍ଆ ତ୍ୱାରହରାମିଶତଶାରଦାୟ।**

**ଅବମୁଞ୍ଚନ୍ ମୃତ୍ୟୁ ପାଶାନଶସ୍ତି ଦ୍ରାଘୀୟଆୟୁଷ୍ଚ ପ୍ରତରଂତେ ଦଧାମି ॥** (ଯଜୁର୍ବେଦ ୩/୨୪)

**ପଦାର୍ଥ :-** (ଜୀବତାମ୍) ଜୀବିତମାନଙ୍କର (ଜ୍ୟୋତିଃ) ପ୍ରକାଶକୁ (ଅର୍ବାଙ୍ଆ) ସମ୍ମୁଖୀନ ହୋଇ (ଅଭିଆଇହି) ଉଦ୍ୟୋଗରୁ ପ୍ରାପ୍ତକରି ମୁଁ (ତ୍ୱା) ତୁମକୁ (ଶତ ସାରଦାୟ) ଶହେ ବର୍ଷ ଜୀବନପାଇଁ (ଆ ହରାମି) ଗମନ କରୁଅଛି। (ଅଶସ୍ତିମ୍) ଅପ୍ରଶସ୍ତତା (ମୃତ୍ୟୁପାଶାନ୍) ମୃତ୍ୟୁମୁଖରୁ (ଅବମୁଞ୍ଚନ୍) ଦୂର ହୋଇ। (ତେ) ତୁମକୁ (ପ୍ରତରମ୍) ବହୁତ (ଦ୍ରାଘୀୟଃ) ଦୀର୍ଘ। (ଆୟୁଃ) ଆୟୁ (ଦଧାମି) ପ୍ରଦାନ କରୁଛି।

**ବ୍ୟାଖ୍ୟା :-** ମନୁଷ୍ୟର ସାଧାରଣ ଜୀବନର ଅବଧି ହେଉଛି ଶହେ ବର୍ଷ। ଯେପରି ଯଜୁର୍ବେଦ (୪୦/୨) ରେ କୁହାଯାଇଛି- "ଜିଜୀବିଷେଦଚ୍ଛତଂ ସମାଃ" ଅର୍ଥାତ୍ ମନୁଷ୍ୟ ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚିବା ପାଇଁ ଇଚ୍ଛା କରିଥାଏ। ପ୍ରୋକ୍ତ ମନ୍ତ୍ରରେ ମଧ୍ୟ ଭଗବାନ କହିଛନ୍ତି- "ଆ ତ୍ୱା ହରାମି ଶତଶାରଦାୟ" ଅର୍ଥାତ୍ ଏ ସଂସାରରେ ଶହେ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବା ପାଇଁ ତୁମକୁ ମନୁଷ୍ୟ ଜନ୍ମ ପ୍ରଦାନ କରିଛି। ଯେପରି ପ୍ରଜ୍ୱଳିତ ଦୀପ ଦ୍ୱାରା ଅନ୍ୟ ଦୀପ ଗୁଡ଼ିକ ପ୍ରଜ୍ୱଳିତ ହୋଇଥାଏ ସେପରି ଜୀବିତ ଜଗତରୁ ଜୀବନ ଜ୍ୟୋତି ଲାଭ ହୋଇଥାଏ। ଏପରି ଭାବନାରୁ କୁହାଯାଇଛି- "ଜୀବତାଂ ଜ୍ୟୋତିରଭ୍ୟେହି" ଅର୍ଥାତ୍ ଜୀବିତ ଜଗତରୁ ଜୀବନ ପ୍ରକାଶ ନେବା ଅର୍ଥାତ୍ ଦୀର୍ଘଜୀବି ମାନଙ୍କ ନିକଟରେ ବସିବା, ଉଠିବା ତାଙ୍କର ଦିନଚର୍ଯ୍ୟାର ନିରୀକ୍ଷଣ କରିବା କିପରିଭାବେ ସେମାନେ ଦୀର୍ଘଜୀବନ ଲାଭ କଲେ। ସତ୍‌ସଙ୍ଗ ଯେପରି ଲାଭକରେ ପ୍ରାୟଃ ସେପରି ହିଁ ଆଗ୍ରହ-ବିଗ୍ରହ ହୋଇଥାଏ। ଏଣୁ ଦୀର୍ଘଜୀବନ ଅଭିଳାଷୀ ମାନଙ୍କୁ ଦୀର୍ଘଜୀବୀ ମାନଙ୍କର ସତ୍‌ସଙ୍ଗ କରିବା ଅତୀବ ଆବଶ୍ୟକ ଏବଂ ମୃତ ବ୍ୟକ୍ତି ମାନଙ୍କର ଚିନ୍ତନ ନ କରିବା ଉଚିତ। ଯେଉଁମା ମରିଗଲେ ସେମାନେ ଗଲେ, ଏ ରୂପରେ ସେମାନେ ପୁଣିଥରେ ଆସିବେ ନାହିଁ। ସେମାନଙ୍କୁ ବାରମ୍ବାର ସ୍ମରଣ କଲେ ମରଣର ସଂସ୍କାରଗୁଡ଼ିକ ପୁଷ୍ଟ ହେବ ଅତଃ ବେଦ କହନ୍ତି- "ମା ଗତାନାମାଦୀଧୀଥାୟେ ନୟନ୍ତି ପରାବତମ୍" ଅର୍ଥାତ୍ ମୃତ ବ୍ୟକ୍ତିମାନଙ୍କୁ ଚିନ୍ତା କରିବା ଭଲ ନୁହେଁ। ଯେଣୁ ସେମାନେ ଜୀବନକୁ ପତନ ଆଡ଼କୁ ନେଇଯାଆନ୍ତି। "ପ୍ରତ୍ୟୁତ ଆରୋହ ତମସୋ ଜ୍ୟୋତିଃ" ଅର୍ଥାତ୍ ମୃତକ ଚିନ୍ତନରୂପକ ଅନ୍ଧକାରରୁ ଉପରକୁ ଉଠି ଜୀବନ ଜ୍ୟୋତିକୁ ପ୍ରଜ୍ୱଳିତ କର।

ଜୀବନର ବାଧାବିଘ୍ନ ଗୁଡ଼ିକ ହିଁ ମୃତ୍ୟୁ କିମ୍ବା ମୃତ୍ୟୁପାଶ ଅଟେ। ଦୀର୍ଘ ଜୀବନ ଅଭିଳାଷୀମାନଙ୍କୁ ଏହି ମୃତ୍ୟୁ

ବନ୍ଧନକୁ ନିଜଠୁ ଦୂର କରିବାକୁ ହେବ । ବେଦ କହନ୍ତି- "ଅବମୁଞ୍ଚନ୍ ମୃତ୍ୟୁପାଶାନଶସ୍ତିମ୍" ଅର୍ଥାତ୍ ଅଶସ୍ତି ଦୁର୍ଗନ୍ଧ ଦୂରାଗ୍ରହରୂପୀ ମୃତ୍ୟୁବନ୍ଧନ ଗୁଡ଼ିକୁ ତ୍ୟାଗ କର ।

ସମସ୍ତ ଅଶସ୍ତ- ନିନ୍ଦିତ ଆହାର, ଯଥା ବ୍ୟଭିଗ୍ରହାଦି ଯୁକ୍ତ ଆହାର-ବିହାରର ଅଭାବ ଜୀବନକୁ ନ୍ୟୂନ କରି ଦିଏ । ଏସବୁ ମୃତ୍ୟୁ ସମୀପକୁ ନେଇଯାଆନ୍ତି । ଅତଃ ଏସବୁକୁ ତ୍ୟାଗ କରିବା ହିଁ ଅତ୍ୟୁତ୍ତମ । ଅସସ୍ତିର ବିପରୀତ ହେଉଛି ବ୍ରହ୍ମଚର୍ଯ୍ୟ ଅର୍ଥାତ୍ ପରମାତ୍ମାଙ୍କ ଆଦେଶାନୁସାରେ ଆଗ୍ରହ ମୃତ୍ୟୁକୁ ମାରିବା ପାଇଁ ତୀକ୍ଷ୍ଣ ଅସ୍ତ୍ର ଅଟେ । ବେଦ କହନ୍ତି- **ବ୍ରହ୍ମଚର୍ଯ୍ୟେଣ ତପସା ଦେବା ମୃତ୍ୟୁମପାଘ୍ନତ ।** (ଅଥର୍ବ. ୧୧/୫/୧୯) ବ୍ରହ୍ମଚର୍ଯ୍ୟରୂପୀ ତପସ୍ୟା ଦ୍ୱାରା ବିଦ୍ୱାନ୍‌ମାନେ ମୃତ୍ୟୁ ପରି ଭୟଙ୍କର ଦୁଃଖକୁ ମଧ୍ୟ ପଛକୁ ପକେଇ ମୋକ୍ଷାନନ୍ଦ ଲାଭ କରିଥାନ୍ତି । ବ୍ରହ୍ମଚର୍ଯ୍ୟରୂପୀ ମହାବ୍ରତଦ୍ୱାରା ଦୀର୍ଘ ଜୀବନ ଲାଭ ହୋଇଥାଏ । ବେଦର ଆଦେଶ- **"ଯଂ ତ୍ୱା ପୂର୍ବେଭୂତକୃତଋଷୟଃ ପରିବେଧି ରୋ ସା ତ୍ୱଂ ପରି ଷ୍ୱଜସ୍ୱ ମାଁ ଦୀର୍ଘାୟୁ ତ୍ୱାୟ ମେଖଳେ"** (ଅଥର୍ବ. ୧୧/୫/୧୯) ହେ ମେଖଳେ (କୌପିନ୍) ଯିଏ ତୋତେ ପୂର୍ଣ୍ଣ ସତ୍ୟବାଦୀ ତପୋନିଷ୍ଠ ଋଷି ଯେପରି ପରିଧାନ କରିଥାନ୍ତି ସେହିପରି ମୋତେ ମଧ୍ୟ ଦୀର୍ଘ ଜୀବନ ପାଇଁ ଆଲିଙ୍ଗନ କରନ୍ତି । ମେଖଳା ହେଉଛି ବ୍ରହ୍ମଚର୍ଯ୍ୟର ବାହ୍ୟ ପ୍ରତୀକ । ଦୀର୍ଘ ଜୀବନ ଅଭିଳାଷୀ ବ୍ୟକ୍ତିମାନେ ବ୍ରହ୍ମଚର୍ଯ୍ୟ ବ୍ରତକୁ ଧାରଣ କରିବା ଉଚିତ । ପୁଣି ସେ ସାଧନରୁ ମେଖଳାବନ୍ଧନ ଆଦିରେ କେବେ ମଧ୍ୟ ଅବହେଳା କରିବା ଉଚିତ ନୁହେଁ ।

ଭର୍ତ୍ତୃହରି ବୈରାଗ୍ୟ ସତକଂ ରେ ଲେଖିଛନ୍ତି-

**ଆୟୁର୍ବର୍ଷଶତଂ ନୃଣାଂ ପରିମିତଂ ରାତ୍ରୌ ତଦର୍ଦ୍ଧଂ ଗତଂ,**
**ତସ୍ୟାର୍ଦ୍ଧସ୍ୟ ପରସ୍ୟ ଚାର୍ଦ୍ଧମପରଂ ବାଲତ୍ୱବୃଦ୍ଧତ୍ୱୟୋଃ ।**
**ଶେଷଂ ବ୍ୟାଧିବିୟୋଗ ଦୁଃଖ ସହତଂ ସେବାଦିଭିର୍ନୀୟତେ,**
**ଜୀବେ ବାରିତରଙ୍ଗଚଞ୍ଚଳତରେ ସୌଖ୍ୟଂ କୁତଃ ପାଣିନାମ୍ ॥**

ଅର୍ଥାତ୍ ସାମାନ୍ୟ ରୂପରେ ମନୁଷ୍ୟର ଆୟୁ ଶହେ ବର୍ଷପାଇଁ ନିର୍ଦ୍ଧାରିତ ହୋଇଛି । ଏହାର ଅର୍ଦ୍ଧ ଭାଗ ମାନେ ୫୦ ବର୍ଷ ଶୟନ କରିବାରେ ସରିଯାଏ । ଶେଷ ଅର୍ଦ୍ଧଭାଗ ରହିଲା ତାର ଅର୍ଦ୍ଧଭାଗ ମାନେ ୨୫ ବର୍ଷ ବାଲ୍ୟାବସ୍ଥା ଏବଂ ବୃଦ୍ଧାବସ୍ଥାରେ ଅତିବାହିତ ହୋଇଯାଏ । ପୁଣି ଅବଶିଷ୍ଟ ୨୫ ବର୍ଷ ସମୟ ରୋଗ, ବିୟୋଗ, ଆଜୀବିକା, ସନ୍ତାନକୁ ଲାଳନ-ପାଳନ ଆଦି ଦୁଃଖରେ ସରିଯାଏ । ଜଳର ଚଞ୍ଚଳ ତରଙ୍ଗ ପରି ଜୀବନରେ ମନୁଷ୍ୟର ସୁଖ ଆଉ ରହିଲା କେଉଁଠି ? ମୋକ୍ଷାନନ୍ଦ ସୁଖ କେବଳ ଈଶ୍ୱରଙ୍କ ଉପାସନାରେ ହିଁ ମିଳିଥାଏ ।

# ନ୍ୟାୟାଧୀଶ ଗୁରୁଦାସଙ୍କ ମାତୃଭକ୍ତି

ପଣ୍ଡିତ ବିଶିକେସନ ଶାସ୍ତ୍ରୀ

ଦେଶରେ ମୋଗଲ ଶାସନ ଚାଲିଥାଏ । ଦୂରଦୃଷ୍ଟି ସଂପନ୍ନ ଇଂରେଜ୍‌ମାନେ ଚତୁରତାର ସହିତ ବାଣିଜ୍ୟ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଭାରତରେ ଆସି ପହଞ୍ଚିଗଲେ । ଏଠାକାର ଜନସାଧାରଣଙ୍କ ସରଳତା ଓ ଅମାୟିକତାର ସୁଯୋଗ ନେଇ କଳେବଳେ କୌଶଳେ ଆଙ୍ଗୁଠି ପଶୁପଶୁ ବାହାପଶେ ନୀତିରେ ବ୍ୟବସାୟୀରୁ ଉନ୍ନୀତ ହୋଇ ଶାସକ ହୋଇଗଲେ । ବୁଦ୍ଧିମତ୍ତାର ସହିତ ଶାସନ ଡୋରିକୁ ନିଜ ହାତରେ ଜାବୁଡ଼ି ରଖିଲେ । ସମଗ୍ର ଦେଶରେ ନିଜ ସାମ୍ରାଜ୍ୟ ବିସ୍ତାର କରିବାରେ ଅବହେଳା କଲେ ନାହିଁ । ନିଜର ଶାସନକୁ ସୁଦୃଢ଼ କରିବାପାଇଁ ଉଚ୍ଚ ପଦପଦବୀରେ ଇଂରେଜ ଲୋକମାନଙ୍କୁ ଅଧିଷ୍ଠିତ କରାଇବାରେ ତିଳେମାତ୍ର କୁଣ୍ଠାବୋଧ କଲେ ନାହିଁ । ଦେଶରେ ନିଜର ଶାସନକୁ ସ୍ଥାୟୀ କରିବା ଉଦ୍ଦେଶ୍ୟରେ କାଁଭାଁ ଉଚ୍ଚଶିକ୍ଷିତ ଭାରତୀୟ ଲୋକମାନଙ୍କୁ ମଧ୍ୟ ଉଚ୍ଚପଦପଦବୀରେ ରଖିବାପାଇଁ ଦୃଷ୍ଟି ଦେଇଥିଲେ ।

ଇଂରେଜ୍‌ମାନଙ୍କ ଅଖଣ୍ଡ ସାମ୍ରାଜ୍ୟ । ଆଙ୍ଗୁଠି ଆଗରେ ଗଣି ହେବାଭଳି ଉଚ୍ଚପଦପଦବୀରେ ଭାରୟତୀୟ କେତେଜଣ ନିଯୁକ୍ତ ହୋଇଥାଆନ୍ତି । ସେମାନଙ୍କ ମଧ୍ୟରେ ସାର୍ ଗୁରୁଦାସ ବନ୍ଦୋପାଧ୍ୟାୟ ହେଉଛନ୍ତି ଅନ୍ୟତମ । ସେସମୟରେ କଲିକତା ଉଚ୍ଚନ୍ୟାୟାଳୟରେ ସେ ନ୍ୟାୟାଧୀଶ ଥାଆନ୍ତି । ତା ସହିତ କଲିକତା ବିଶ୍ୱବିଦ୍ୟାଳୟର ମୁଖ୍ୟ କୁଳପତି (ଭାଇସ୍ ଚାନ୍ସେଲର୍) ମଧ୍ୟ ଥାଆନ୍ତି ।

ଦିନକର ଘଟଣା । ସାର୍ ଗୁରୁଦାସ ହାଇକୋର୍ଟରେ ନିଜ ଆସନରେ ଆସୀନ ହୋଇ ସେଦିନର ମୋକଦ୍ଦମାରେ ମନୋନିବେଶ କରିଥାଆନ୍ତି । ଓକିଲମାନଙ୍କ ବୟାନ୍ ମଧ୍ୟ ଶୁଣିବାରେ ଅବହେଳା କରୁନଥାନ୍ତି । ଠିକ୍ ସେହି ସମୟରେ ଜନୈକ ବୃଦ୍ଧା ହାଇକୋର୍ଟ ପରିସରରେ ଆସି ପହଞ୍ଚିଗଲା । । ସେହି ବୃଦ୍ଧାଜଣକ ବାଲ୍ୟ ବୟସରେ ସାର୍ ଗୁରୁଦାସଙ୍କୁ ସ୍ତନ୍ୟପାନ କରାଇଥିଲା । କାରଣ ସେ ତାଙ୍କ ଗୃହରେ ଧାଈରୂପେ ରହୁଥାଏ । ତେବେ ସେ ଅନେକ ବର୍ଷ ପୂର୍ବରୁ ନିଜ ଗାଆଁକୁ ଚାଲିଯାଇଥାଏ । ଅନେକ ବର୍ଷ ପର୍ଯ୍ୟନ୍ତ ସେ କଲିକତାକୁ ଥରକପାଇଁ ମଧ୍ୟ ଆସିନଥାଏ । କିନ୍ତୁ ସେ ସମୟରେ ଗ୍ରହଣ ପଡ଼ିଥିବାରୁ ଗଙ୍ଗାସ୍ନାନ ଉଦ୍ଦେଶ୍ୟରେ ବାଧ୍ୟହୋଇ କଲିକତାକୁ ଆସିଥାଏ । ଯଥା ସମୟରେ ଯଥାରୀତି ଗଙ୍ଗାସ୍ନାନ ଶେଷ ହେଲା । କାହିଁକି କେଜାଣି ତା ମନମଧ୍ୟରେ ଧାରଣା ଜାତହେଲା ମୋ ଗୁରୁଦାସକୁ ଥରଟିଏ ଦେଖାକରି ଗାଆଁକୁ ଫେରିବି । ତେଣୁ ଲୋକଙ୍କୁ ପଚାରିପଚାରି ବହୁକଷ୍ଟରେ ଆସି ସେ ନ୍ୟାୟାଳୟର ପରିସର ମଧ୍ୟରେ ପହଞ୍ଚି ଯାଇଥାଏ ।

ମଫସଲ୍‌ର ଜଣେ ସାଧାରଣ ଦରିଦ୍ର ବୃଦ୍ଧା । ତା ଶରୀରରେ ମଳିନବସ୍ତ୍ର ଆବୃତ ହୋଇ ରହିଥାଏ । ଗଙ୍ଗାସ୍ନାନପରେ ବସ୍ତ୍ର ପରିବର୍ତ୍ତନ କରିନଥିବାରୁ ତାଶରୀରରେ ସେ ପର୍ଯ୍ୟନ୍ତ ଓଦାବସ୍ତ୍ର ଥାଏ । ନ୍ୟାୟାଳୟର ପରିସରରେ ଉପସ୍ଥିତ ହୋଇଥାଏ ସତ କିନ୍ତୁ କିପରି ଭାବେ ଜଜ୍‌ଙ୍କୁ ସାକ୍ଷାତ କରିବ ତା ସେ ଜାଣିନଥାଏ । ସେଠାରେ ଯେଉଁ ଚପରାସୀ ଥାଏ ସେ ବୁଢ଼ୀକୁ ଭିତରକୁ ପ୍ରବେଶ କରିବାକୁ ଦେଉନଥାଏ । ତେଣୁ ବୃଦ୍ଧାଜଣକ ହାତଯୋଡ଼ି ବିନୀତଭାବେ ପ୍ରାର୍ଥନା କରି ବାରମ୍ବାର କହୁଥାଏ ଭୈୟା ! ଦୟାକରି ମୋତେ ମୋ ଗୁରୁଦାସ ସହିତ ଟିକିଏ ଦେଖା କରାଇଦିଅ । ସାଧାରଣ ଜଣେ ମଫସଲର

ବୁଢ଼ୀ, ତା କଥା ଉପରେ ସେ ବା କାହିଁକି ଗୁରୁତ୍ୱ ଦେବ ?ତେଣୁ ଆଗକୁ ଯିବାପାଇଁ ସେ ତାକୁ ମୋଟେ ସୁଯୋଗ ଦେଉନଥାଏ । ନିଜ ଅଜାଣତରେ ଆକସ୍ମିକଭାବେ ବିଗ୍ରହପତି ମହୋଦୟଙ୍କ ଦୃଷ୍ଟି କିପରିଭାବେ ଦ୍ୱାରଦେଶ ଆଡ଼କୁ ଗ୍ଳିଗଲା । ବୁଢ଼ୀ ଉପରେ ତାଙ୍କର ଦୃଷ୍ଟି ପଡ଼ିବାମାତ୍ରେ ତତ୍‌କ୍ଷଣାତ୍ ସେ ଆସନରୁ ଉଠିପଡ଼ିଲେ । ପରେ ତରବର ହୋଇ ଦ୍ୱାରଦେଶ ଆଡ଼କୁ ଆଗେଇବାରେ ଅବହେଳା କଲେନାହିଁ । ତାଙ୍କୁ ଆସିବାଦେଖି ଚପରାସୀ ଜଣକ ସନ୍ତର୍ପଣରେ ଘୁଞ୍ଚିଯାଇ କେଉଁ କୋଣରେ ଖୁଣ୍ଟଭଳି ଛିଡ଼ା ହୋଇ ରହିଲା । ମଳିନତା ପରିପୂର୍ଣ୍ଣ ଜରାଜୀର୍ଣ୍ଣ ସେ ବୁଢ଼ୀ ନିକଟରେ ପହଞ୍ଚିବାପରେ ଭକ୍ତିପୂତ ଭାବେ ବୁଢ଼ୀର ପାଦତଳେ ଲୋଟିପଡ଼ିଲେ ।ସାଷ୍ଟାଙ୍ଗ ପ୍ରଣାମ କରିବାରେ ସାମାନ୍ୟମାତ୍ରାରେ ମଧ୍ୟ ସେ ସଙ୍କୋଚ ବୋଧ କଲେ ନାହିଁ । ଜଜ୍‌ମହୋଦୟଙ୍କ ଏପରି ଭକ୍ତିପୂତ ନମସ୍କାରକୁ ଦେଖି ନ୍ୟାୟାଳୟର ସମସ୍ତ ଓକିଲ, ନ୍ୟାୟାଳୟକୁ ଆସିଥିବା ମୁଦେଇ ମୁଦାଲା ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେବା ସଙ୍ଗେ ସଙ୍ଗେ ହତବାକ୍ ହୋଇପଡ଼ିଲେ । ଆଶ୍ଚର୍ଯ୍ୟରେ ସମସ୍ତେ ପରସ୍ପରର ମୁହଁକୁ କେବଳ ଗ୍ହିଁ ରହିଲେ । ମଫସଲ୍‌ର ଜଣେ ଅପାଠୁଆ ବୁଢ଼ୀ ସେ ବା ହାଇକୋର୍ଟ ଜଣ, ଜଜ୍‌ଜଣ ଏ ବିଷୟ କିପରି ବା ବୁଝିବ ? ଗୁରୁଦାସଙ୍କୁ ତଳୁ ଉଠାଇ ଦେଲା । ତା ଦୁଇ ଆଖିରୁ ଆନନ୍ଦାଶ୍ରୁ ଧାର ଧାର ପ୍ରବାହିତ ହୋଇ ଗଣ୍ଡ ପ୍ରଦେଶକୁ ଆଦ୍ର କରିଦେଲା । ସେ ଆଶୀର୍ବାଦ ଦେବାକୁ ଯାଇ ଥଙ୍ଗ-ଥଙ୍ଗ ହୋଇ କହିଲା- ଇଏ ମୋର ସେହି ଗୁରୁଦାସ ? ବହୁଦିନ ପର୍ଯ୍ୟନ୍ତ ସୁଖରେ ବଞ୍ଚିରହ ବେଟା ।

ସମସ୍ତଙ୍କ ବିସ୍ମୟକୁ ଦୂରକରିବା ଉଦ୍ଦେଶ୍ୟରେ ସାର୍ ଗୁରୁଦାସ ସହାସ୍ୟ ବଦନରେ ପ୍ରକାଶ କଲେ.. ଇଏ ହେଉଛନ୍ତି ମୋର ମାଆଁ । ବାଲ୍ୟ କାଳରେ ଇଏ ମୋତେ ନିଜର ସ୍ତନ୍ୟପାନ କରାଇ ବଢ଼ାଇଥିଲେ । ଆଜିର ମୋକଦ୍ଦମା ସବୁ ଏତିକିରେ ବନ୍ଦ ରହୁ । ମୁଁ ଏହାଙ୍କୁ ନେଇ ଘରକୁ ଯାଉଛି । ଅତି ଆଦରର ସହିତ ସେ ନିଜ ଧାଇ ମାଆଙ୍କୁ ଘରକୁ ନେଇଗଲେ । ଘରେ ପହଞ୍ଚି ତାଙ୍କ ଆଦର ସତ୍କାରରେ ମନପ୍ରାଣ ଢାଳି ଦେବାରେ ତିଳେମାତ୍ର କୁଣ୍ଠାବୋଧ କରିନଥିଲେ ।

ସ୍ତନ୍ୟପାନ କରାଇଥିବା ଜଣେ ଧାଇ ମଧ୍ୟ ହେଉଛି ମାଆ । ଏତେ ବଡ଼ ଉଚ୍ଚ ଆସନରେ ଆସୀନ ଜଜ୍ ମଧ୍ୟ ନିଜ ଧାଇ ମାଆର ସେବାସତ୍କାର କରିବାରେ ସାମାନ୍ୟମାତ୍ରାରେ ଅବହେଳା କରି ନଥିଲେ । ସେ ନିଜ ଗର୍ଭଧାରିଣୀ ମାତା ସ୍ୱର୍ଣ୍ଣମଣି ଦେବୀଙ୍କୁ କେତେ ଯେ ଆଦର ସତ୍କାର କରି ନ ଥିବେ ତା ସହଜରେ ଅନୁମାନ କରାଯାଇପାରେ । ଯେଉଁମାନେ ପଢ଼ି, ଲେଖି ଉଚ୍ଚପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି, ସେମାନେ ନିଜନିଜର ପିତା-ମାତା ତଥା ଆତ୍ମୀୟ ସ୍ୱଜନ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ ଆଦର ଯଦି କରନ୍ତି ନାହିଁ, ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ, ତେବେ ସେମାନେ କେବେମଧ୍ୟ ଉତ୍ତମ ସ୍ୱଭାବର ବ୍ୟକ୍ତି ହୋଇପାରନ୍ତି ନାହିଁ । ଯିଏ ଉଚ୍ଚ ପଦପଦବୀରେ ଆସୀନ ହୋଇଥାଏ, ବିଦ୍ୟା-ବୁଦ୍ଧି ପ୍ରଖର ଥିଲେ ମଧ୍ୟ କେବେ ଅଭିମାନ କରେ ନାହିଁ ସେ ହେଉଛି ପ୍ରକୃତରେ ଉତ୍ତମ ବ୍ୟକ୍ତି । କାରଣ **'ନମନ୍ତି ଫଳିନୋ ବୃକ୍ଷାଃ ନମନ୍ତି ଗୁଣିନୋ ଜନାଃ'** ନୀତିରେ ସେ ବିନମ୍ର ହୋଇ ରହିଥାଏ । ଯେଉଁ ବ୍ୟକ୍ତି ସର୍ବଦା ନମ୍ର ହୋଇ ରହିଥାଏ ଓ ନିଜ ଅପେକ୍ଷା ମହାନ୍ ବ୍ୟକ୍ତିମାନଙ୍କୁ ସମ୍ମାନ ଓ ଆଦର କରିବାରେ ତିଳେମାତ୍ର କୁଣ୍ଠାବୋଧ କରିନଥାଏ ସେ ପ୍ରକୃତ ମାନବ ବୋଲାଇଥାଏ । କାରଣ ନହି କୃତମୁପକାରଂ ସାଧବୋ ବିସ୍ମରନ୍ତି, କରିଥିବା ଉପକାରକୁ ସଜ୍ଜନମାନେ କେବେ ମଧ୍ୟ ଭୁଲିଯାଆନ୍ତି ନାହିଁ ।

## ଯଜ୍ଞମାହାତ୍ମ୍ୟ

**ସ୍ୱର :- ଶୁଣ ଶୁଣ ଲୋ ଯଶୋଦା ରାଣୀ....(ବୃତ୍ତେ)**

ଅକିଳ ଶାସ୍ତ୍ରୀ

ଆସ ଆସ ହେ ଭଉଣୀ ଭାଇ,

ଆସ ବେଦ ପଥେ ଯିବା ଆଗେଇ- ୨

ବେଦର ଅର୍ଥ ହେଉଛି ଜ୍ଞାନ, ଯାକୁ ପଢ଼ିଲେ ମିଟେ ଅଜ୍ଞାନ

ବେଦରେ ହୋଇଛି ଲେଖି, ଆସ ବେଦ......।।୧।

ବେଦ ସବୁଠୁଁ ପ୍ରଥମ ଗ୍ରନ୍ଥ, ଏହାକୁ ପଢ଼ି ମହର୍ଷି ସନ୍ଥ,

ଏଥିରୁ ହୋଇଲେ ଜ୍ଞାନୀ, ଆସ ବେଦ.......।।୨।।

ଆସ କରିବା ବେଦ ପ୍ରଚାର, ଯଜ୍ଞାନୁଷ୍ଠାନ କରିବା ଚାଲ

ଯଜ୍ଞରେ ଦେବା ଆହୁତି, ଆସ ବେଦ.........।।୩।।

ଆହୁତି ଦେବା ଘୃତ ମିଷ୍ଟାନ୍ନ, ଦେବତା ହେବେ ଏଣୁ ପ୍ରସନ୍ନ,

ବାୟୁ ହେବରେ ଶୁଦ୍ଧି, ଆସ ବେଦ.....।।୪।।

## ଆଦର୍ଶ ଦଂପତି

ବିଜେପୁର ନିବାସୀ ବାନପ୍ରସ୍ଥୀ ଡଗର ମେହେର ତଥା ତାଙ୍କର ଧର୍ମପତ୍ନୀ ଲଳିତା ବାନପ୍ରସ୍ଥିନୀ ପ୍ରତ୍ୟହ ପ୍ରାତଃକାଳୀନ ନିତ୍ୟକର୍ମାଦି ସମାପନ କରି ନିଜ ଗୃହରେ ଯଜ୍ଞ କରିଥାନ୍ତି । ତତ୍ ସହିତ ଗତ ଶ୍ରାବଣୀ ଉପାକର୍ମ ଠାରୁ ଚଳିତ ବର୍ଷର ଶ୍ରାବଣୀ ପର୍ଯ୍ୟନ୍ତ ୭୩ ଦିନ ଅନ୍ୟ ଗ୍ରାମମାନଙ୍କରେ ଯଜ୍ଞକରି ପ୍ରଶଂସିତ ହୋଇଛନ୍ତି ।

### ସଫଳତାର ପାଞ୍ଚୋଟି ମୂଳ ମନ୍ତ୍ର

| | | |
|---|---|---|
| ମନରେ କାର୍ଯ୍ୟ କରିବାପାଇଁ | - | **ତୀବ୍ରଇଚ୍ଛା ।** |
| କାର୍ଯ୍ୟ କରିବା ପାଇଁ | - | **ପର୍ଯ୍ୟାପ୍ତ ସାଧନ ।** |
| ସାଧନର ଉପଯୋଗ କରିବାର | - | **ଯଥାର୍ଥ ବିଧି ।** |
| ଶେଷ ପରିଣାମ ଆସିବା ପର୍ଯ୍ୟନ୍ତ | – | **ପୂର୍ଣ୍ଣ ପୁରୁଷାର୍ଥ ।** |
| ବାଧାବିଘ୍ନକୁ ସହ୍ୟ କରିବାପାଇଁ | - | **କଠୋର ତପସ୍ୟା ।।** |

## କଅଣ ଆପଣ ?

❀ ସଦା-ସର୍ବଦା ଶାନ୍ତ, ପ୍ରସନ୍ନ, ନିର୍ଭୀକ ରହିବାପାଇଁ ଚାହାନ୍ତି ?

❀ନିଜ ବୁଦ୍ଧିବୃତ୍ତିକୁ କୁଶାଗ୍ର କରିବାପାଇଁ ଚାହାନ୍ତି ?

❀ନିଜର ଏକାଗ୍ରତାକୁ ବୃଦ୍ଧି କରିବାପାଇଁ ଚାହାନ୍ତି ?

❀ନିଜର ସ୍ମରଣ ଶକ୍ତିକୁ ତୀବ୍ର କରିବାକୁ ଚାହାନ୍ତି ?

❀ନିଜ ଆତ୍ମାର ସ୍ୱରୂପକୁ ଜାଣିବାକୁ ଚାହାନ୍ତି ?

❀ଉତ୍ସାହ ପରାକ୍ରମଶାଳୀ ଆଶାବାଦୀ ହେବାକୁ ଚାହାନ୍ତି ?

❀ନିଜର ଚଳ ଚଞ୍ଚଳ ଇନ୍ଦ୍ରିୟଗୁଡ଼ିକୁ ସଂଯତ କରିବାକୁ ଚାହାନ୍ତି ?

❀ସକଳ ଦୁଃଖରୁ ଦୂରେଇ ରହି ନିତ୍ୟ ସୁଖ ଲାଭ କରିବାକୁ ଚାହାନ୍ତି ?

❀ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବାକୁ ଚାହାନ୍ତି ?

❀ ନିଜର ଅସ୍ଥିର ମନକୁ ସ୍ଥିର କରିବାକୁ ଚାହାନ୍ତି ?

❀ ନିଜର କୁସଂସ୍କାରକୁ ନିର୍ମୂଳ କରିବାକୁ ଚାହାନ୍ତି ?

❀ନିଜର ସୁସଂସ୍କାରସବୁକୁ ବୃଦ୍ଧି କରିବାକୁ ଚାହାନ୍ତି ?

ତେବେ ଆଜିଠାରୁ ହିଁ ପ୍ରାତଃ ଓ ସାୟଂକାଳରେ ଶାନ୍ତ-କାନ୍ତ-ଏକାନ୍ତ ସ୍ଥାନରେ ଆସନରେ ସ୍ଥିରଭାବରେ ଉପବେଶନ କରି, ପ୍ରାଣାୟାମ କରି, ମନ ଏବଂ ଇନ୍ଦ୍ରିୟଗୁଡ଼ିକୁ ସାଂସାରିକ ବିଷୟବାସନାରୁ ଦୂର କରି ସର୍ବବ୍ୟାପକ, ସର୍ବଜ୍ଞ-ସର୍ବାନ୍ତର୍ଯ୍ୟାମୀ, ନିରାକାର, ନ୍ୟାୟକାରୀ, ପରମେଶ୍ୱରଙ୍କୁ ପ୍ରତ୍ୟହ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ଏକାଗ୍ରଚିତ୍ତ ହୋଇ ଧ୍ୟାନ କରନ୍ତୁ ।

# ମୂର୍ତ୍ତିପୂଜା ପ୍ରଚଳନ ପୂର୍ବରୁ ଭାରତୀୟଙ୍କ ଉପାସନା ବିଧି

**ପୂର୍ବ ପ୍ରକାଶିତ ଉତ୍ତାରୁ** ——— **ଇଂ. ଯଜ୍ଞପ୍ରକାଶ ଦାସ**

ମହାଭାରତ ଯୁଦ୍ଧରେ ଦେଶର ପଣ୍ଡିତ, ଉପଦେଶକ ଓ ବୀରମାନେ ମୃତ୍ୟୁବରଣ କଲେ । ଏହାର ସୁଯୋଗ ନେଇ ସ୍ୱାର୍ଥୀଲୋକେ ପ୍ରାଚୀନ ଶାସ୍ତ୍ରଗୁଡିକରେ ମିଶ୍ରଣ କଲେ । ପଶୁବଳି, ଜନ୍ମଗତ ଜାତିପ୍ରଥା ଆଦି ଅବୈଦିକ ପ୍ରଥା ଚରମସୀମାରେ ପହଞ୍ଚିଲା । କ୍ଷୋଭର ବିଷୟ ଯେ ଏହି ସବୁ ହୀନ କ୍ରିୟାକୁ ବେଦସମ୍ମତ ଓ ଈଶ୍ୱରଙ୍କ ଆଦେଶ କୁହାଗଲା । ପ୍ରତିକ୍ରିୟ ସ୍ୱରୂପ ଜୈନ ଓ ବୌଦ୍ଧ ମତ ମୁଣ୍ଡ ଟେକିଲା । ଐତିହାସିକମାନେ ମତ ଦିଅନ୍ତି ଯେ ଜୈନ ବୌଦ୍ଧ କାଳରେ ମୂର୍ତ୍ତିପୂଜା ପ୍ରଚଳିତ ହେଲା । ଏହି ଉଭୟ ସଂପ୍ରଦାୟ ଈଶ୍ୱରବିଶ୍ୱାସୀ ନ ଥିଲେ । ସେମାନଙ୍କର ଆଗରେ ନିଜର ମତ-ପ୍ରବର୍ତ୍ତକଙ୍କର ଅତିରକ୍ତ ଈଶ୍ୱର ବୋଲି କୌଣସି ତତ୍ତ୍ୱ ନଥିଲା । ସେହି କାରଣରୁ ସେମାନେ ନିଜ ନିଜ ଆଚାର୍ଯ୍ୟଙ୍କର ସମାଧି ଓ ପ୍ରତିମୂର୍ତ୍ତି ଗଢି ପୂଜାବିଧାନ ଆରମ୍ଭ କଲେ । ମିଶ୍ରବନ୍ଧୁ ମହାଶୟ 'ଭହରତବର୍ଷର ଇତିହାସ' ଗ୍ରନ୍ଥରେ ଲେଖିଛନ୍ତି- 'ଚତୁର୍ଥ ଶତାବ୍ଦୀ ବେଳକୁ ଜୈନମତ ସେବଲ ଏବଂ ଶ୍ରୀମାନ୍ ନାମକ ଦୁଇ ଗୋଷ୍ଠୀରେ ବିଭକ୍ତ ହେଲା । ସେତେବେଳେ ସର୍ବପ୍ରଥମେ ପ୍ରତିମା ପୂଜା ଆରମ୍ଭ ହେଲା ।' ପ୍ରସିଦ୍ଧ ଶାସ୍ତ୍ରଜ୍ଞ ଦୟାନନ୍ଦ ସରସ୍ୱତୀ 'ସତ୍ୟାର୍ଥ ପ୍ରକାଶ' ରେ ମୂର୍ତ୍ତିପୂଜା ଜୈନମାନଙ୍କଠାରୁ ପ୍ରଚଳିତ ହେବା ବିଷୟ ପ୍ରକାଶ କରିଛନ୍ତି । ଚୀନ ପରିବ୍ରାଜକଫାହିୟାନ ଓ ହୁଏନ୍‌ସାଙ୍ଗର ଭାରତ ବିବରଣୀରୁ ଭାରତରେ ମୂର୍ତ୍ତିପୂଜାର ପ୍ରଚଳନ ସଂବନ୍ଧରେ ଅନେକ ତଥ୍ୟ ଉଦଘାଟିତ ହୁଏ । ଫାହିୟାନଙ୍କ ସମୟରେ ଜୈନ-ବୌଦ୍ଧଙ୍କ ଦ୍ୱାରା ମୂର୍ତ୍ତିନିର୍ମାଣ ଓ ମୂର୍ତ୍ତିପୂଜା ଆରମ୍ଭ ହୋଇଯାଇଥିଲା । ବୈଦିକମାନେ ତାହାର ଅନୁସରଣ ସର୍ବପ୍ରଥମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର- ଏହି ତିନି ମୂର୍ତ୍ତିର କଳ୍ପନା କଲେ । ହୁଏନସାଁଙ୍କର ବେଳକୁ ବୌଦ୍ଧ ମତର ହ୍ରାସ ଓ ପୌରାଣିକ ମତଗୁଡ଼ିକର ବହୁଳ ପ୍ରଚାର ଘଟିଥିଲା । ସେହି ସମୟକୁ ବୌଦ୍ଧ-ପୌରାଣିକ ସଂଘର୍ଷକାଳ କୁହାଯାଇପାରେ । ପାରସୀ ଭାଷାରେ ଏବେ ମଧ୍ୟ ମୂର୍ତ୍ତି ଅର୍ଥରେ ବୁତ୍ ଶବ୍ଦ ବ୍ୟବହୃତ ହୁଏ । ଏହା ବୁଦ୍ଧ ଶବ୍ଦର ଅପଭ୍ରଂଶ । ଏଥିରୁ ଜଣାଯାଏ ଯେ ସେତେବେଳେ ଇରାକ୍ ଆଦି ଭୂଖଣ୍ଡରେ ବୌଦ୍ଧ ମତର ବିସ୍ତାର ଓ ବୁଦ୍ଧ ମୂର୍ତ୍ତିର ପୂଜା ପ୍ରଚଳିତ ଥିଲା । ପୌରାଣିକ ସଂପ୍ରଦାୟଗୁଡିକ ବୈଦିକ ଦେବତା (ଅର୍ଥାତ୍ ସୂର୍ଯ୍ୟ, ବିଦ୍ୟୁତ୍, ବାୟୁ ଆଦି ଦାନଶୀଳ ପଦାର୍ଥ) ମାନଙ୍କୁ ମନୁଷ୍ୟାକୃତି ପ୍ରଦାନ କରି ମୂର୍ତ୍ତିପୂଜା ପ୍ରଚଳନ କଲେ । ପଣ୍ଡିତ ଶିବଶଙ୍କର ଶର୍ମାଙ୍କ ଲିଖିତ 'ତ୍ରିଦେବ ନିର୍ଣ୍ଣୟ' ନାମକ ଗ୍ରନ୍ଥରେ ପୌରାଣିକଙ୍କ ଦ୍ୱାରା ପ୍ରଥମ ତିନି ମୂର୍ତ୍ତି ଯଥା, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କିପରି କଳ୍ପିତ ହେଲେ, ତାହାର ଗବେଷଣାମୂଳକ ତଥ୍ୟ ପ୍ରତିପାଦିତ ହୋଇଛି ।

ସୂର୍ଯ୍ୟ ପୂଜା ପାଇଁ ବିଷ୍ଣୁମୂର୍ତ୍ତି କଳ୍ପିତ ହେଲା । ସୂର୍ଯ୍ୟର ଗୋଟିଏ ନାମ ବିଷ୍ଣୁ । ତେଣୁ ପୃଥିବୀପୃଷ୍ଠରେ ଆକାଶର ସୂର୍ଯ୍ୟଙ୍କୁ ବିଷ୍ଣୁ ରୂପରେ ପୂଜା କରିବା ବେଳେ ତାଙ୍କର ନିବାସ ସ୍ଥଳକୁ ସମୁଦ୍ର କୁହାଗଲା କାରଣ ଆକାଶର ଗୋଟିଏ ସଂପୂର୍ଣ୍ଣ ସୂର୍ଯ୍ୟ କିରଣର ନାମ ସୁପର୍ଣ୍ଣ । ଗରୁଡ ପକ୍ଷୀର ଏକ ନାମ ମଧ୍ୟ ସୁପର୍ଣ୍ଣ । ତେଣୁ ପୃଥିବୀସ୍ଥ ବିଷ୍ଣୁଙ୍କ ବାହନ ହେଲେ ଗରୁଡ । ପୃଥିବୀର ଶୋଭା-ସଂପଦର କାରଣ ସୂର୍ଯ୍ୟ । ତେଣୁ ଲକ୍ଷ୍ମୀଙ୍କୁ ବିଷ୍ଣୁପତ୍ନୀ କୁହାଗଲା । ସୂର୍ଯ୍ୟ-କମଳ ସମ୍ବନ୍ଧରୁ

ବିଷ୍ଣୁଙ୍କ ପୂଜାପାଇଁ ପଦ୍ମଫୁଲ ବିଛାଗଲା । ସୂର୍ଯ୍ୟକିରଣ ଚାରିଆଡେ ବିସ୍ତାରିତ ହୁଏ । ତେଣୁ ବିଷ୍ଣୁ ହେଲେ ଚତୁର୍ଭୁଜ । ବିଦ୍ୟୁତ୍ ଠିକ୍ ସେହି ଅନୁସାରେ ରୁଦ୍ରମୂର୍ତ୍ତି ରୂପରେ ପୂଜିତ ହେଲେ । ମେଘର ଏକ ନାମ ବୃଷଭ । ମେଘର ନାମ ପର୍ବତ ମଧ୍ୟ । ଶିବପତ୍ନୀ ପାର୍ବତୀ ନାମ ପାଇଲେ । ରୁଦ୍ରଙ୍କର ଭୂଷଣ ହେଲା ଭସ୍ମ କାରଣ ବିଦ୍ୟୁତ୍-ଅଗ୍ନି ସକଳ ପଦାର୍ଥକୁ ଭସ୍ମୀଭୂତ କରେ । ତିନିଲୋକରେ ବିଦ୍ୟମାନ ଅଗ୍ନି ନିମନ୍ତେ ରୁଦ୍ର ହେଲେ ତ୍ରିନୟନ । ଅଗ୍ନି ସବୁ ପଦାର୍ଥରେ ସୂକ୍ଷ୍ମ ରୂପରେ ବିଦ୍ୟମାନ । ତେଣୁ ଶିବପାର୍ବତୀ ଏକାଠି ପୂଜା ପାଇଲେ । ସେହି ଅନୁକ୍ରମରେ ବାୟୁ ହେଲେ ବ୍ରହ୍ମା । ବାୟୁର ଚାରିଦିଗରେ ଚଳନ ଯୋଗୁଁ ବ୍ରହ୍ମା ଚତୁର୍ମୁଖ । ପ୍ରାଣ ଦ୍ୱାରା ବୃଷ୍ଟିରୁ ବାଣୀ ଉତ୍ପନ୍ନ ହୁଏ । ବାଣୀଦେବୀ ସରସ୍ୱତୀ ବ୍ରହ୍ମାଙ୍କ ପତ୍ନୀ ହେଲେ । ବାୟୁକୁ ଏକାକୀ ରଖିବା ସମ୍ଭବ ନୁହେଁ । ତେଣୁ ବ୍ରହ୍ମାଙ୍କର ମନ୍ଦିର ବିରଳ ।

ବେଦ ଓ ବୈଦିକ ସାହିତ୍ୟରେ ମନୁଷ୍ୟର ହୃଦୟରେ ଆତ୍ମା-ପରମାତ୍ମାଙ୍କ ମିଳନର ସନ୍ଦେଶ ଦିଆଯାଇଛି । ପରମାତ୍ମା ସର୍ବବ୍ୟାପୀ, ପରନ୍ତୁ ଜୀବାତ୍ମା ଜୀବର ଭାବନାମୟ ହୃଦୟରେ ଅବସ୍ଥିତ । ତେଣୁ ଉଭୟଙ୍କର ମିଳନ ସ୍ଥଳ କେବଳ ହୃଦୟ । ମନୁଷ୍ୟ ଜୀବନ କାଳରେ ପ୍ରଭୁ-ଦର୍ଶନ ଦୁଇ ଅବସ୍ଥାରେ ପାଇଥାଏ । ପ୍ରଥମ ଅବସ୍ଥା ଗାଢ ନିଦ୍ରା । ସେତେବେଳେ ବାହାର ବିଷୟ ମନକୁ ଆସୁ ନଥାଏ । ତେଣୁ ହୃଦୟରେ ଆତ୍ମା-ପରମାତ୍ମାଙ୍କର ଅନୁଭବ ପାଏ ନାହିଁ । ଦ୍ୱିତୀୟ ଯୋଗାବସ୍ଥା । 'ଯୋଗ' ଶବ୍ଦର ତିନୋଟି ଅର୍ଥ- ଯୋଡିବା, ନିୟମରେ ରହିବା ଓ ଈଶ୍ୱର ସାକ୍ଷାତକାର । ଯୁଜ୍ ସମାଧୌ, ଏହି ଧାତୁରୁ ଈଶ୍ୱର ସାକ୍ଷାତକାର ଅର୍ଥ ସିଦ୍ଧ ହୁଏ । ଅର୍ଥାତ୍ ସମାଧି ଅବସ୍ଥାରେ ଈଶ୍ୱର-ଦର୍ଶନ ମିଳେ । ତପ, ସାଧନ ଦ୍ୱାରା ଆତ୍ମା ବାହାରର ବିଷୟଗୁଡିକରୁ ନିବୃତ୍ତ ରହେ । ମନ ଏକାଗ୍ର ହୋଇଥାଏ । ଚିନ୍ତା, କ୍ରୋଧ, ଚଞ୍ଚଳତା, ଘୃଣା, ଅଭିମାନ ଏସବୁ ମନରୁ ତିରୋହିତ ହୁଏ । ଆତ୍ମା ଓ ଅନାତ୍ମାର ଭେଦ ସ୍ପଷ୍ଟ ହୋଇଥାଏ । ଆତ୍ମା ନିଜର ବିମଳ ସ୍ୱରୂପକୁ ବୁଝିବାରେ ସକ୍ଷମ ହୁଏ । ପରେ ପରେ ଚିତ୍ତର ସାତ୍ତ୍ୱିକ ବୃତ୍ତିକୁ ମଧ୍ୟ ନିରୁଦ୍ଧ କରି ଈଶ୍ୱର-ସାକ୍ଷାତକାର କରେ ।

ମୂର୍ତ୍ତିପୂଜାର ପ୍ରଚଳନ ପୂର୍ବରୁ ଆମର ପୂର୍ବପୁରୁଷମାନେ କେତେ ଉପାସନା-ବିଧି ଅବଲମ୍ବନ କରୁଥିଲେ । ସେହି ଉପାସନା ବିଧିର ନାମ ଥିଲା ସନ୍ଧ୍ୟା ଉପାସନା । ପୂର୍ବାହ୍ନରେ ଅନ୍ଧାର ଓ ଆଲୋକର ସନ୍ଧିବେଳରେ ଓ ଅପରାହ୍ନରେ ଆଲୋକ ଓ ଅନ୍ଧାରର ସନ୍ଧ୍ୟାବେଳାରେ ସ୍ଥିରୀକୃତ ସ୍ଥଳରେ ବସି ନିୟତ ସମୟରେ ଏକାଗ୍ର ମନରେ ଧ୍ୟାନ କରିବା ସନ୍ଧ୍ୟା ଉପାସନା । ସନ୍ଧ୍ୟାବେଳାର ଅନୁଷ୍ଠାନ ସନ୍ଧ୍ୟା । ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି ସାଂସାରିକ ବିଷୟରୁ ବିରତ ରହି ନିଜକୁ ଖୋଜିବା ଓ ପରେ ତ୍ରିକାଳର ବନ୍ଧୁ ପରମାତ୍ମାଙ୍କୁ ଖୋଜିବା ସନ୍ଧ୍ୟା ଉପାସନା । କୋଳାହଳପୂର୍ଣ୍ଣ ମନ୍ଦିର ସନ୍ଧ୍ୟା ଉପାସନା ପାଇଁ ଅନୁଦାନ ନୁହେଁ, ସେଠାରେ ଶବ୍ଦାଦି ବିଷୟ ମନକୁ ଅସ୍ଥିର କରେ । ବିକ୍ଷିପ୍ତ ମନରେ, ମଳିନ ହୃଦୟରେ, ଅନ୍ୟର ଅଶୁଭ କାମନା କରି ଯାଚନା କରିବା ସନ୍ଧ୍ୟା ନୁହେଁ । ପ୍ରଭୁଙ୍କର ଅପାର ଦାନ ପାଇଁ କୃତଜ୍ଞତା ଅର୍ପଣ କରିବା ସନ୍ଧ୍ୟା ସନ୍ଧ୍ୟା ପାଇଁ ପ୍ରସ୍ତୁତି ଆବଶ୍ୟକ । ବ୍ୟାବହାରିକ ଜୀବନରେ ଅହିଂସା, ସତ୍ୟ, ଅସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟ ପାଳନ କରିବା ଓ ଆନ୍ତରିକ ଜୀବନରେ ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନର ପ୍ରବୃତ୍ତି ପ୍ରତିଫଳିତ ହେବା ପ୍ରୟୋଜନ ।



# ଅମର ସହିଦ୍ ଭଗତ୍‌ସିଂହ

ଯାହାଙ୍କର ଜୟନ୍ତୀ ସେପ୍‌ଟେମ୍ବର ତା ୨୮ ରିଖରେ ପାଳିତ ହୁଏ ।

ବ୍ର. ବିକାଶ କୁମାର ଶାସ୍ତ୍ରୀ

ବାଲ୍ୟକାଳରୁ ହିଁ ଦେଶର ସେବାପାଇଁ ପ୍ରତିଜ୍ଞା କରିଥିବା ଜନୈକ ବାଳକର ନାମ ହେଉଛି ବୀର ଭଗତ୍‌ସିଂହ । ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମାଙ୍କ ପିତାମହ ପ. ଲୋକନାଥ ତର୍କବାଚସ୍ପତି ଭଗତ୍‌ସିଂହଙ୍କ ଯଜ୍ଞୋପବୀତ ସଂସ୍କାର ସଂପନ୍ନ କରିଥିଲେ । ଭଗତ୍‌ସିହଙ୍କ ପିତାମହ ସର୍ଦ୍ଧାର ଅର୍ଜୁନସିଂହ ଥିଲେ ଜଣେ ଆର୍ଯ୍ୟସମାଜର ସକ୍ରିୟ ସଦସ୍ୟ । ସେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କୁ ନିଜର ମାର୍ଗଦର୍ଶକ ବୋଲି ବିବେଚନା କରୁଥିଲେ । ଭଗତ୍‌ସିଂହଙ୍କ ଜନ୍ମ ୧୯୦୭ ମସିହା ସେପ୍‌ଟେମ୍ବର ତା ୨୮ ରିଖରେ ଲାୟଲ୍‌ପୁର ଜିଲ୍ଲାନ୍ତର୍ଗତ ଖଟକଡ୍ କଲାଂ ଗ୍ରାମରେ ହୋଇଥିଲା । ତାଙ୍କ ଜନ୍ମ ସମୟରେ ତାଙ୍କ ପିତା ଲାହୋର୍ ସେଣ୍ଟ୍ରାଲ୍ ଜେଲ୍‌ରେ ବନ୍ଦୀ ଥିଲେ । ସେତେବେଳେ ତାଙ୍କର ଦୁଇଜଣ ପିତୃବ୍ୟ ବିଭିନ୍ନ କାରାଗୃହରେ ନଜରବନ୍ଦୀ ହୋଇ ରହିଥିଲେ । ଭଗତ୍‌ସିଂହଙ୍କୁ ଯେତେବେଳେ ପାଞ୍ଚ ବର୍ଷ ବୟସ ସେତେବେଳେ ତାଙ୍କର ବୀରତ୍ୱପୂର୍ଣ୍ଣ କଥାକୁ ଶୁଣି ଏବଂ ତାଙ୍କର ଅଦମ୍ୟ ସାହସ ଓ ବୀରତାକୁ ଦେଖି ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଉଥିଲେ । ଦେଶଭକ୍ତି ତଥା ସମାଜକୁ ସୁଧାରିବାପାଇଁ ଉକ୍ତ ସଂସ୍କାରଗୁଡ଼ିକ ସେ ବଂଶାନୁଗତଭାବେ ଉପଲବ୍ଧି କରିଥିଲେ । ଲାଲା ଲାଜପତ୍‌ରାୟ ଏବଂ ଭଗତ୍‌ସିଂହଙ୍କ ପିତୃବ୍ୟ ସର୍ଦ୍ଧାର ଅଜୀତସିଂହ ପଞ୍ଜାବ ତଥା ବିଦେଶରେ ଆଜୀବନ ବସବାସ କରି ଇଂରେଜମାନଙ୍କ ସହିତ ଲଢ଼େଇ କରି ଦେଶର ସ୍ୱାଧୀନତା ପାଇଁ ସହିଦ୍ ରାମପ୍ରସାଦ ବିସ୍ମିଲଙ୍କ ବିରଚିତ ଗୀତଗୁଡ଼ିକୁ ଗାଇଗାଇ ସ୍ୱତନ୍ତ୍ରତା ସଂଗ୍ରାମରେ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ।

୧୯୧୯ ମସିହାରେ ପଞ୍ଜାବରେ ଯେଉଁ ଜଲିୟାଁବାଲା ବାଗ୍‌ର ବିଭତ୍ସ, ନୃଶଂସ ହତ୍ୟାକାଣ୍ଡ ଘଟିଥିଲା ଯେଉଁଥିରେ କି ଇଂରେଜ ସିପାହୀମାନେ ହଜାର ହଜାର ଭାରତୀୟ ନେତାଙ୍କୁ ଗୁଳିମାରି ହତ୍ୟା କରିଦେଇଥିଲେ, ସେତେବେଳେ ଭଗତ୍‌ସିଂହ ବାର ବର୍ଷ ବୟସରେ ପଦାର୍ପଣ କରିଥିଲେ । ସେହି ହତ୍ୟାକାଣ୍ଡ ବାଳକ ଭଗତ୍‌ସିଂହଙ୍କ ହୃଦୟକୁ ଏକାବେଳକେ ଦୋହଲାଇ ଦେଇଥିଲା । ତାଙ୍କ ମନରେ ବିଦେଶୀ ଶାସକଙ୍କ ବିରୁଦ୍ଧରେ ଜାତ ହେଲା ଏକ ପ୍ରତିଶୋଧର ଜ୍ୱାଳା ଯାହାକି ପରବର୍ତ୍ତୀ ସମୟରେ ଜ୍ୱାଳାମୁଖୀର ରୂପ ଧାରଣ କରିଥିଲା ।

ଯୁବାବସ୍ଥାରେ ପଦାର୍ପଣ କଲାପରେ ସେ କ୍ରାନ୍ତିକାରୀ ଗତିବିଧି ସହିତ ସକ୍ରିୟ ଅଂଶଗ୍ରହଣ କରିଥିଲେ

ଏବଂ କେତେ ବର୍ଷ ପର୍ଯ୍ୟନ୍ତ "ପ୍ରତାପ" ନାମକ ଏକ ଖବର କାଗଜରେ ବଳବନ୍ତ ଛଦ୍ମ ନାମରେ ନାମିତ ହୋଇ କ୍ରାନ୍ତିକାରୀ ବିଗ୍ରହ ଧାରାକୁ ପ୍ରକାଶ କରୁଥିଲେ । ୧୯୨୮ ମସିହା ତା ୧୧ରିଖରେ ଇଂରେଜମାନଙ୍କ ପ୍ରବଳ ବିରୋଧୀ ଲାଲା ଲଜପତରାୟଙ୍କ ମୃତ୍ୟୁ ସମ୍ବାଦକୁ ଶୁଣି ସେ ଚନ୍ଦ୍ରଶେଖର ଆଜାଦ୍ ଓ ରାଜଗୁରୁଙ୍କ ସହିତ ସମ୍ମିଳିତ ହୋଇ ପୋଲିସ୍‌ର ମୁଖ୍ୟ ସାଣ୍ଡର୍ସ୍‌କୁ ଗୁଳିମାରି ପରପୁରକୁ ପଠାଇ ଦେଇଥିଲେ, ତଦ୍ଦ୍ୱାରା ସେ ପଞ୍ଜାବ କେସରୀ ଲାଲା ଲଜପତରାୟଙ୍କ ମୃତ୍ୟୁର ପ୍ରତିଶୋଧ ନେଇଥିଲେ । ପୋଲିସ୍‌ରୁ ନିଜକୁ ଦୂରେଇ ରଖିବାପାଇଁ ବେଶ ପରିବର୍ତ୍ତନ କରି ଦୁର୍ଗାଭାଭୀଙ୍କ ସହିତ କଲିକତା ଚାଲି ଯାଇଥିଲେ । ସେଠାରେ ବୋମା ତିଆରି କରିବାର କୌଶଳ ଶିକ୍ଷା କରିଥିଲେ । ୧୯୨୯ ମସିହା ଏପ୍ରିଲ୍ ତା ୮ ରିଖର ଘଟଣାକୁ ତାଙ୍କ ଜୀବନର ଏକ ବିଶିଷ୍ଟ ଘଟଣା ବୋଲି କୁହାଯାଇପାରେ । ଇଂରେଜ ସରକାରଙ୍କ ବଧିର କର୍ଣ୍ଣ ପର୍ଯ୍ୟନ୍ତ ନିଜ ଉଦ୍ଦେଶ୍ୟକୁ ପହଞ୍ଚାଇବାପାଇଁ ଭଗତ୍‌ସିଂହ ଓ ତାଙ୍କ ସଙ୍ଗୀମାନେ ଆସେମ୍ବ୍ଲିରେ ବୋମା ବର୍ଷଣକରି ଇଁରେଜ ସରକାରକୁ ସାବଧାନ କରାଇବା ସଙ୍ଗେ ସଙ୍ଗେ ଆତ୍ମ ସମର୍ପଣ ମଧ୍ୟ କରିଥିଲେ । ସାଣ୍ଡର୍ସ୍‌ଙ୍କ ହତ୍ୟା ଓ କ୍ରାନ୍ତିକାରୀ କାର୍ଯ୍ୟ ଗୁଡ଼ିକପାଇଁ ତାଙ୍କ ନାମରେ ମୋକଦ୍ଦମା କରାଗଲା ।

୧୯୩୦ ମସିହା ଅ ବର ତା ୭ ରିଖ ମୋକଦ୍ଦମାର ବିଚାରପୂର୍ବକ ଷଡଯନ୍ତ୍ର କରି କ୍ରୁର ଇଂରେଜ ସରକାର ବୀର ଭଗତ୍‌ସିଂହ, ରାଜଗୁରୁ ଓ ସୁଖଦେବଙ୍କୁ ଫାଶୀଦଣ୍ଡର ଆଦେଶ ଶୁଣେଇ ଦେଇଥିଲେ । ୨୩ ମାର୍ଚ୍ଚ ୧୯୩୦ ରେ ସେମାନେ 'ଇନ୍‌କ୍ଲାବ୍ ଜିନ୍ଦାବାଦ୍' ଭାରତମାତା କୀ ଜୟ' ର ଶ୍ଳୋଗାନ୍ ଦେଇ ସହିଦ୍ ହେବାର ଗୌରବ ଅର୍ଜନ କରିଥିଲେ । ଆସନ୍ତୁ ! ସେହି ନବଯୁବକମାନଙ୍କର ପ୍ରେରଣାର ଉତ୍ସ, ମହାନ୍ କ୍ରାନ୍ତିକାରୀଙ୍କଠାରୁ ପ୍ରେରଣାଲାଭ କରି ଆମେମାନେ ମଧ୍ୟ ଦେଶପାଇଁ ଆତ୍ମବଳି ଦେବାକୁ ପଶ୍ଚାତ୍‌ପଦ ହେବା ନାହିଁ ।

---

# ଶ୍ରାବଣୀ ଉପାକର୍ମ ପାଳନ

କେନ୍ଦ୍ରାପଡ଼ା ଜିଲ୍ଲାନ୍ତର୍ଗତ ରାଜକନିକା ଆର୍ଯ୍ୟ ସମାଜ ହେଉଛି ଏକ ପୁରାତନ ଆର୍ଯ୍ୟ ସମାଜ । ଆର୍ଯ୍ୟ ସମାଜର ସମ୍ପାଦକ ଶ୍ରୀଯୁକ୍ତ ଅନିରୁଦ୍ଧ ରାଉତଙ୍କ ସଦୁଦ୍ୟମରେ ଶ୍ରାବଣୀ ଉପାକର୍ମ ମହୋତ୍ସବ ନବଦିବସ ବ୍ୟାପୀ ଅର୍ଥାତ୍ ଅଗଷ୍ଟ ତା୭ରିଖରୁ ତା ୧୫ ରିଖ ପର୍ଯ୍ୟନ୍ତ ସଦସ୍ୟ ସଦସ୍ୟାଙ୍କ ଘରେ ବିଶେଷ ଯଜ୍ଞ ସମେତ ଶ୍ରାବଣୀ ଉପାକର୍ମର ମହନୀୟତା ସମ୍ପର୍କରେ ଆଲୋଚନା ମଧ୍ୟ ହୋଇଥିଲା । ପ. ପ୍ରମୋଦ କୁମାର ଦାଶଙ୍କ ପୌରୋହିତ୍ୟରେ ଯଜ୍ଞାଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# ॥ ଗୁରୁକୁଳ ଆଶ୍ରମ ଆମସେନାର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ ॥

## (୨୩/୨୪/୨୫ ଡ଼ିସେମ୍ବର ୨୦୧୭ ରେ ପାଳନ କରାଯିବ)

ଆସନ୍ତା ୨୩,୨୪,୨୫ ଡ଼ିସେମ୍ବର ୨୦୧୭ ରେ ଅନୁଷ୍ଠିତ ହେବାକୁ ଯାଉଥିବା ଗୁରୁକୁଳର ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦେଶରେ ନୂତନ ଉତ୍ସାହ ଏବଂ ଜାଗୃତି ଉତ୍ପନ୍ନ କରିବ । ଏହି ଶୁଭାବସରରେ ଶହ-ଶହ କାର୍ଯ୍ୟକର୍ତ୍ତା ବୈଦିକ ଧର୍ମ ନିମିତ୍ତ ନିଜ ଜୀବନକୁ ଉତ୍ସର୍ଗ କରିବେ । ଓଡ଼ିଶା ଏବଂ ଛତିଶଗଡ଼ର ବିଭିନ୍ନ ଗ୍ରାମରେ ଶିଥିଳ ହୋଇ ପଡ଼ିଥିବା ଆର୍ଯ୍ୟ ସମାଜ ଗୁଡ଼ିକୁ ସକ୍ରିୟ କରାଯିବ ।ସେହି ସ୍ଥାନମାନଙ୍କରେ ନୂତନ-ନୂତନ ସମାଜଗୁଡ଼ିକ ମଧ୍ୟ ସ୍ଥାପନ କରାଯିବ ।

ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ପଞ୍ଚାଶଦାଧିକ ପୁସ୍ତକ ପ୍ରକାଶ କରି ପ୍ରଚାର-ପ୍ରସାର କରାଯିବ । ଗୁରୁକୁଳ ଆଶ୍ରମ ଆମସେନା ଏବଂ ତତ୍ସମ୍ବନ୍ଧୀୟ ସଂସ୍ଥାଗୁଡ଼ିକର ପଞ୍ଚାଶତ୍ ସ୍ନାତକ ବୈଦିକ ଧର୍ମର ପ୍ରଚାର ପ୍ରସାର ନିମିତ୍ତ ଯୋଗଦାନ କରିବେ ।

୭ ମାର୍ଚ୍ଚ ୧୯୬୮ ମସିହାରେ ଏହି ଗୁରୁକୁଳ ଆଶ୍ରମ ଆମସେନାର ସ୍ଥାପନ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ କେତେକ ଶ୍ରଦ୍ଧାଳୁ ଆର୍ଯ୍ୟ ସଜ୍ଜନଙ୍କ ଉପସ୍ଥିତିରେ ହୋଇଥିଲା । ଯଦ୍ୟପି ଗୁରୁକୁଳର ସ୍ଥାପନ ହୋଇଗଲା କିନ୍ତୁ ଗୁରୁକୁଳକୁ ପରିଚାଳନା କରିବାପାଇଁ କୌଣସି ସାଧନ ନ ଥିଲା ତଥାପି ବୈଦିକ ଧର୍ମର ପ୍ରଚାରକ, ଅନନ୍ୟ ଋଷିଭକ୍ତ, କର୍ମଠ, ତପସ୍ୱୀ, ବୀତରାଗ ଶ୍ରଦ୍ଧେୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ନିଜ ଜୀବନକୁ ଉତ୍ସର୍ଗୀକୃତ କରି (ଜଳାଞ୍ଜଳି ଦେଇ) ଏହି ଗୁରୁକୁଳକୁ ବଟବୃକ୍ଷର ସ୍ୱରୂପ ପ୍ରଦାନ କରିଛନ୍ତି । ଆଗାମୀ ୨୦୧୭ ରେ ଗୁରୁକୁଳ ସ୍ଥାପନର ୫୦ ବର୍ଷ ପୂର୍ଣ୍ଣ ହୋଇଯିବ । ଏଣୁ ଅତୀତରେ କରାଯାଇଥିବା କାର୍ଯ୍ୟଗୁଡ଼ିକର ସିଂହାବଲୋକନ କରିବା ନିମିତ୍ତ ଓ ନବ-ନବ ଉତ୍ସାହ ଉଦ୍ଦୀପନାର ସହ ଆଗକୁ ବଢ଼ିବା ପାଇଁ ଏହି ଗୁରୁକୁଳର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ।

ସୁବର୍ଣ୍ଣ ଜୟନ୍ତୀର ପ୍ରାରମ୍ଭିକ ଉତ୍ସବ ୧୧/୧୨ ଫେବୃୟାରୀ ୨୦୧୭ ରେ ସଂପନ୍ନ ହୋଇ ଗଲାଣି କିନ୍ତୁ ସୁବର୍ଣ୍ଣ ଜୟନ୍ତୀର ପୂର୍ଣ୍ଣ ଉତ୍ସବ ୨୩/୨୪/୨୫ ଡ଼ିସେମ୍ବର ୨୦୧୭ ରେ ପାଳନ କରାଯିବ । ଏହି ଶୁଭାବସରରେ ଅଂଶଗ୍ରହଣ କରିବାକୁ, ନିଜ ସଂସ୍ଥାକୁ ନୂତନ ରୂପରେଖ ଦେବାକୁ ସମସ୍ତ ଗୁରୁକୁଳ ପ୍ରେମୀ ସଜ୍ଜନ ତଥା ଗୁରୁକୁଳର ସ୍ନାତକ ବନ୍ଧୁମାନେ ଏବେଠାରୁ ହିଁ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ବଦ୍ଧପରିକର ହେବା ଆବଶ୍ୟକ ।

ଏହି ସୁବର୍ଣ୍ଣ ଜୟନ୍ତୀର ଶୁଭାବସରରେ ଗୁରୁକୁଳର ଗତ ୫୦ ବର୍ଷର ଇତିହାସ ମଧ୍ୟ ପ୍ରକାଶ କରାଯିବ ଏଣୁ ଯେଉଁ ସଜ୍ଜନମାନଙ୍କ ନିକଟରେ କୌଣସି ବିଶେଷ ସାମଗ୍ରୀ କିମ୍ବା ମତାମତ ଅଥବା କୌଣସି ପୁରୁଣା ଛାୟାଚିତ୍ର (ଫୋଟୋ) ଯଦିଥାଏ ତାହେଲେ ସେସବୁକୁ ପ୍ରେରଣ କରିବେ ବୋଲି ଆଶା ଓ ଅନୁରୋଧ ।

**ବିଶେଷ-** ଯଦି କୌଣସି ବ୍ୟକ୍ତି ଏହି ଗୁରୁକୁଳ ସହିତ ସଂଶ୍ଳିଷ୍ଟ (ଜଡ଼ିତ) ଅଛନ୍ତି କିମ୍ବା ଦି-ଚାରିବର୍ଷ ଏହି ଗୁରୁକୁଳରେ ଅଧ୍ୟୟନ କରିଛନ୍ତି ସେମାନଙ୍କୁ ମୋର ନିବେଦନ ଯେ ଗୁରୁକୁଳର କାର୍ଯ୍ୟାଳୟରେ ସେମାନେ ଶୀଘ୍ରାତିଶୀଘ୍ର ସଂପର୍କ ସ୍ଥାପନ କରିବାକୁ ଯତ୍ନ କରିବା ହେବେ । **ନିବେଦକ :-** ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ **ଆଚାର୍ଯ୍ୟ ଗୁରୁକୁଳ, ଆମସେନା**



# ଶ୍ରୀ ପ. ଗଙ୍ଗାପ୍ରଦାସ ଉପାଧ୍ୟାୟଙ୍କ ସାରସ୍ୱତ ସାଧନା

ପ୍ରେଷକ ବ୍ର. ହୃଷିକେଶ ଆର୍ଯ୍ୟ

ପ. ଗଙ୍ଗାପ୍ରସାଦ ଉପାଧ୍ୟାୟଙ୍କ ଜନ୍ମ ୧୮୮୧ ମସିହା ସେପ୍ଟେମ୍ବର ତା ୬ରିଖରେ କାଳୀ ନଦୀ ତଟସ୍ଥ ନଦରଇ (କାସଗଞ୍ଜ) ଗ୍ରାମରେ ହୋଇଥିଲା ।ତାଙ୍କୁ ଯେତେବେଳେ ୧୦ ବର୍ଷ ବୟସ ସେତେବେଳେ ତାଙ୍କ ପିତାଙ୍କ ଦେହାବସାନ ଘଟିଥିଲା । ସ୍ୱକୀୟ ଅଧ୍ୟବସାୟ ଓ ସାଧନା ବଳରେ ହିନ୍ଦୀ ଏବଂ ଇଂରାଜୀ ବିଷୟରେ ସେ ମଧ୍ୟମା ଶ୍ରେଣୀରେ ଉତ୍ତୀର୍ଣ୍ଣତା ଲାଭ କରିଥିଲେ । ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ଶିକ୍ଷକ ପଦରେ ଆସୀନ ହୋଇ ନିଜ ପରିବାରର ଭରଣ ପୋଷଣର ଦାୟିତ୍ୱ ତୁଲେଇଥିଲେ । ଇଣ୍ଟର ବି. ଏ. ଓ ଏମ୍. ଏ. ଶ୍ରେଣୀରେ ସ୍ୱାଧ୍ୟାୟୀ ଛାତ୍ରରୂପେ ଅଧ୍ୟୟନ କରି ଉତ୍ତୀର୍ଣ୍ଣତା ଲାଭ କରିଥିଲେ । ୧୯୧୨ ଖ୍ରୀ.ରେ ଇଂରାଜୀ ବିଷୟରେ ଏବଂ ୧୯୨୩ ରେ ଦର୍ଶନ ବିଷୟରେ M.A. ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣତା ଲାଭ କରନ୍ତି । ଆରମ୍ଭରୁ ହିଁ ଆର୍ଯ୍ୟସମାଜର କାର୍ଯ୍ୟଗୁଡ଼ିକରେ ତାଙ୍କର ଅଭିରୁଚି ଥିଲା । ସରକାରୀ ଚାକିରୀରୁ ଆର୍ଯ୍ୟସମାଜର ପ୍ରଚାର-ପ୍ରସାର କାର୍ଯ୍ୟରେ ବାଧା-ବିଘ୍ନ ସୃଷ୍ଟି ହେଉଥାଏ, ଏଣୁ ପେନ୍‌ସନ୍‌ର ଲୋଭ ନକରି ୧୯୧୮ ମସିହାରେ ସରକାରୀ ଚାକିରୀରୁ ତ୍ୟାଗପତ୍ର ଦେଇଥିଲେ ଓ ଡି.ଏ.ଭି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଲାହାବାଦରେ ପ୍ରଧାନାଚାର୍ଯ୍ୟ ପଦରେ ନିଯୁକ୍ତ ହୋଇ କାର୍ଯ୍ୟକ୍ଷେତ୍ରରେ ଅବତରଣ କରିଥିଲେ । ସ୍ଥାନୀୟ ପ୍ରଚାର-ପ୍ରସାର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଆର୍ଯ୍ୟ ପ୍ରତିନିଧି ସଭାର ଅଧିବେଶନଗୁଡ଼ିକରେ ମଧ୍ୟ ଯୋଗଦାନ କରୁଥିଲେ । ସେ ଥିଲେ ଜଣେ ସ୍ୱାଧ୍ୟାୟଶୀଳ ବ୍ୟକ୍ତି ଏଣୁ ଲେଖନ ଓ ବ୍ୟାଖ୍ୟାନ ମାଧ୍ୟମରେ ଆର୍ଯ୍ୟସମାଜର ସେବାକାର୍ଯ୍ୟ କରୁଥିଲେ ।

ସେ ଦର୍ଶନ ତଥା ସିଦ୍ଧାନ୍ତ ସମ୍ବନ୍ଧୀୟ ଅନେକ ଉଚ୍ଚକୋଟିର ଗ୍ରନ୍ଥ ପ୍ରଣୟନ କରିଥିଲେ । ୧୯୩୧ରେ ତାଙ୍କ ଦ୍ୱାରା ପ୍ରଣୀତ 'ଆସ୍ତିକବାଦ' ଗ୍ରନ୍ଥପାଇଁ 'ହିନ୍ଦୀସାହିତ୍ୟ ସମ୍ମେଳନ' ସଂସ୍ଥା ତରଫରୁ ତାଙ୍କୁ ମଙ୍ଗଳାପ୍ରସାଦ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ୧୯୩୧ ଖ୍ରୀଷ୍ଟାବ୍ଦରେ ଝାନ୍‌ସୀରେ ଆୟୋଜିତ ଅଧିବେଶନରେ ଦର୍ଶନ ପରିଷଦ୍‌ର ସଭାପତିଭାବେ ତାଙ୍କୁ ନିର୍ବାଚିତ କରାଯାଇଥିଲା । ୧୯୪୧ରୁ ୧୯୪୪ ପର୍ଯ୍ୟନ୍ତ ସେ ଆର୍ଯ୍ୟ ପ୍ରତିନିଧି ସଭା ଉତ୍ତର ପ୍ରଦେଶର ସଭାପତିରୂପେ ଦାୟିତ୍ୱ ବହନ କରିଥିଲେ । ହାଇଦରାବାଦ ସତ୍ୟାଗ୍ରହରେ ଶ୍ରୀ ମହାତ୍ମା ନାରାୟଣ ସ୍ୱାମୀଜୀଙ୍କ ଆଦେଶାନୁଯାୟୀ ନିରନ୍ତର କାର୍ଯ୍ୟ କରି ଆସୁଥିଲେ । ୧୯୪୬ ରୁ ୧୯୫୧ ପର୍ଯ୍ୟନ୍ତ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ଦିଲ୍ଲୀର ମୁଖ୍ୟ ସମ୍ପାଦକରୂପେ କାର୍ଯ୍ୟ କରୁଥିଲେ ।୧୯୫୦ରେ 'ବୈଦିକ କଲ୍‌ଚର୍' ନାମକ ଇଂରାଜୀରେ ଲିଖିତ ପୁସ୍ତକପାଇଁ ସେ "ଅମୃତଧାରା" ପୁରସ୍କାର ଲାଭକରିଥିଲେ । ୧୯୫୧ରେ "କମ୍ୟୁନିଜମ୍" ଗ୍ରନ୍ଥରେ ୧୯୫୨ରେ ଐତରେୟ ବ୍ରାହ୍ମଣ ଭାଷ୍ୟ ଉପରେ ୧୯୫୫ରେ 'ଜୀବନଚକ୍ର' ନାମକ ପୁସ୍ତକ ଉପରେ ପୁରସ୍କାର ଲାଭ କରିଥିଲେ । ଆର୍ଯ୍ୟ ପ୍ରତିନିଧି ସଭା

ଦକ୍ଷିଣ ଆଫ୍ରିକାର ରଜତ ମହୋତ୍ସବରେ ଯୋଗଦାନ କରି କେତେ ମାସ ପର୍ଯ୍ୟନ୍ତ ସେ ଦେଶର ବୈଦିକ ଧର୍ମର ପ୍ରଚାର-ପ୍ରସାରପାଇଁ କାର୍ଯ୍ୟ କରିଥିଲେ, ୧୯୫୧ ମସିହାରେ ବର୍ମା ଥାଇଲାଣ୍ଡ ଏବଂ ସିଙ୍ଗାପୁରକୁ ପ୍ରଚାର କରିବାପାଇଁ ଚାଲିଗଲେ । ଏପରି ଦେଖିବାକୁ ଗଲେ ଭାରତରେ ମଧ୍ୟ କାଶ୍ମୀରଠାରୁ ଆରମ୍ଭ କରି ସୁଦୂର କନ୍ୟାକୁମାରୀ ପର୍ଯ୍ୟନ୍ତ ଆର୍ଯ୍ୟସମାଜର ପ୍ରଚାର-ପ୍ରସାର କରିଥିଲେ । ବଙ୍ଗାଲ୍, ବିହାର, ରାଜସ୍ଥାନ, ମହାରାଷ୍ଟ୍ର ଓ ପଞ୍ଜାବରେ ଅନେକାନେକ ଉତ୍ସବରେ ଓ ସମ୍ମିଳନୀ ଗୁଡ଼ିକର ନେତୃତ୍ୱ ନେଇଥିଲେ । ହିନ୍ଦୀ, ସଂସ୍କୃତ, ଉର୍ଦ୍ଦୁ, ଫାରସୀ, ଆରବୀ ଭାଷାରେ ମଧ୍ୟ ସେ ପାରଙ୍ଗମତା ଲାଭ କରିଥିଲେ ।

ତାଙ୍କ ମହାନ୍ ସେବାକାର୍ଯ୍ୟଦ୍ୱାରା ପ୍ରଭାବିତ ହୋଇ ମଥୁରା ନଗରୀରେ ଆୟୋଜିତ ଦୀକ୍ଷା ଶତାବ୍ଦୀ ସମାରୋହରେ ୧୯୫୯ ମହିହା ଡିସେମ୍ବର ତା ୨୫ ରିଖରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ କରକମଳରୁ ସେ ଅଭିନନ୍ଦନ ପତ୍ର ଲାଭ କରିଥିଲେ ।

ତାଙ୍କ ମୁଖ୍ୟ ଦାର୍ଶନିକ ଗ୍ରନ୍ଥଗୁଡ଼ିକ ହେଉଛି ଆସ୍ତିକବାଦ, ଅଦ୍ୱୈତବାଦ, ଜୀବାତ୍ମା Philosophy Dayanand, Vedic culture, Worship, Reason & Religion- Superstition । ଶାଙ୍କର ଭାଷ୍ୟାଲୋଚନ, ସାୟଣ ଔର୍ ଦୟାନନ୍ଦ, ରାମମୋହନରାୟ-କେଶବଚନ୍ଦ୍ର-ଦୟାନନ୍ଦ, ଶଙ୍କର-ରାମାନୁଜ-ଦୟାନନ୍ଦ, କମ୍ୟୁନିଜ୍ମ, ସର୍ବଦର୍ଶନସଂଗ୍ରହ, ଧମ୍ମପଦ ଏଗୁଡ଼ିକ ହେଉଛି ତାଙ୍କ ତୁଳନାତ୍ମକ ଗ୍ରନ୍ଥ । ସେ ମହର୍ଷି ଦୟାନନ୍ଦଙ୍କ ଅମରଗ୍ରନ୍ଥ ସତ୍ୟାର୍ଥ ପ୍ରକାଶକୁ The Light of Truth ନାମରେ ଅନୁବାଦ କରିଛନ୍ତି । ମନୁସ୍ମୃତି, ଐତରେୟ ବ୍ରାହ୍ମଣ ଓ ଶତପଥ ବ୍ରାହ୍ମଣ ଏଗ୍ରନ୍ଥଗୁଡିକୁ ସେ ହିନ୍ଦୀ ଭାଷାରେ ଅନୁବାଦ କରିଛନ୍ତି । 'ଇସ୍ଲାମ୍ କେ ଦୀପକ୍' ଆର୍ଯ୍ୟସମାଜ ଔର୍ ଇସ୍ଲାମ୍ ଏ ଦିଓଟି ହେଉଛି ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ। 'ଆର୍ଯ୍ୟୋଦୟ' ହେଉଛି ତାଙ୍କର ସଂସ୍କୃତ କାବ୍ୟ । 'କୌସେ କଜା' ହେଉଛି ତାଙ୍କ ଉର୍ଦ୍ଦୁ କବିତା ସଂଗ୍ରହ । ଏପରି ଦେଖିବାକୁ ଗଲେ ଉପାଧ୍ୟାୟ ମହୋଦୟ ଅତି ଉତ୍କୃଷ୍ଟ ଧରଣର ବୈଦିକ ସାହିତ୍ୟମାନ ରଚନା କରି ଆର୍ଯ୍ୟସମାଜକୁ ଅର୍ପଣ କରିଯାଇଛନ୍ତି । ଆର୍ଯ୍ୟସମାଜର ଉନ୍ନତି ପାଇଁ ସେ ସାରାଜୀବନ ସଚେତନ ଥିଲେ । ସାରସ୍ୱତ ସାଧନାରେ ସିଦ୍ଧହସ୍ତ ଉପାଧ୍ୟାୟଜୀ କ୍ଷୁଦ୍ର ପୁସ୍ତକମାନ (ଟ୍ରାକ୍ଟ) ରଚନା କରି ଆର୍ଯ୍ୟସମାଜର ପ୍ରଚାର-ପ୍ରସାରରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ଚିର ଦିନପାଇଁ ଅବିସ୍ମରଣୀୟ ହୋଇ ରହିବ । ସେହି କ୍ଷୁଦ୍ର ପୁସ୍ତକମାନଙ୍କର ସଂଖ୍ୟା ହେଉଛି ଶତାଧିକ ଓ ଉଚ୍ଚକୋଟିର ବୈଦିକ ସାହିତ୍ୟଗୁଡ଼ିକର ସଂଖ୍ୟା ହେଉଛି ପ୍ରାୟ ୧୦୦ ଖଣ୍ଡ । ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଅବିରାମ ଗତିରେ ତାଙ୍କ ଲେଖନ କାର୍ଯ୍ୟ ତୀବ୍ରତାର ସହିତ ଚାଲୁଥିଲା ।

୧୯୬୮ ମସିହା ଅଗଷ୍ଟ ତା ୨୯ ରିଖ ଦିନ ୮୩ ବର୍ଷ ବୟସରେ ତାଙ୍କର ଦେହାବସାନ ଘଟିଥିଲା । ସେପ୍ଟେମ୍ବର ତା ୬ରିଖ ହେଉଛି ତାଙ୍କ ପୁଣ୍ୟତିଥି । ଆସନ୍ତୁ ! ଏପରି ଏକ ସାରସ୍ୱତ ସାଧକଙ୍କ ପୁଣ୍ୟତିଥିରେ ଆମ୍ଭେମାନେ ତାଙ୍କଠାରୁ ପ୍ରେରଣା ଲାଭକରି ତାଙ୍କର କାର୍ଯ୍ୟକୁ ଆଗେଇ ନେବାପାଇଁ ଆଜି ସଂକଳ୍ପ ନେବା ।

# ଆଶ୍ରମ ଦ୍ୱାରା ନିର୍ମିତ ବିଶୁଦ୍ଧ ଔଷଧ ଏବଂ ପ୍ରକାଶିତ ପୁସ୍ତକ

| | |
|---|---|
| ୧. ଅତି ବିଶିଷ୍ଟ ଚ୍ୟବନପ୍ରାଶ. ୧.କି.ଗ୍ରା. | ୨୨୦୦ |
| ଚ୍ୟବନପ୍ରାଶ ୧.କି.ଗ୍ରା. | ୨୫୦ |
| " ୫୦୦ ଗ୍ରା. | ୧୩୦ |
| ୨. ବ୍ରାହ୍ମୀ ଅଁଳା ତେଲ | ୪୦ |
| ୩. ବିଶେଷ ବଳଦାମୃତ | ୧୫୦ |
| ୪. କୁମାର୍ଯ୍ୟାସବ | ୮୦ |
| ୫. ବଳାରିଷ୍ଟ | ୮୦ |
| ୬. ମହିଳାମୃତପେୟ | ୮୦ |
| ୭. ପତ୍ରାଙ୍ଗାସବ | ୮୦ |
| ୮. ଅର୍ବୁଦହର ପେୟ | ୮୦ |
| ୯. ଆଶ୍ରମ ଗ୍ରୃ ୧୦୦ ଗ୍ରା. | ୩୦ |
| ୧୦. ସିତୋପଲାଦି ଚୂର୍ଣ୍ଣ | ୬୦ |
| ୧୧. ଅର୍କ ଲବଣ | ୪୦ |
| ୧୨.ଅବିପତ୍ତିକର ଚୂର୍ଣ୍ଣ | ୬୦ |
| ୧୩. ବସନ୍ତକୁସୁମାକର ରସ -୧ଗ୍ରା. | ୪୫୦ |
| ୧୪. ଯୋଗେନ୍ଦ୍ର ରସ | ୫୦୦ |
| ୧୫. ବୃହଦ୍ ବାତଚିନ୍ତାମଣି ରସ-୧ଗ୍ରା. | ୫୦୦ |
| ୧୬. କୁମାର କଲ୍ୟାଣ ରସ | ୫୦୦ |
| ୧୭. ସୁପାରି ପାକ | ୭୦ |
| ୧୮. ଧାତୁ ପୌଷ୍ଟିକ ଚୂର୍ଣ୍ଣ | ୫୦ |
| ୧୯. ଗୈସାନ୍ତକ ରସ | ୫୦ |
| ୨୦. ଆଶ୍ରମ ଦନ୍ତମୁକ୍ତା | ୫୦ |
| ୨୧. ରସରାଜରସ | ୫୦୦ |
| ୨୨. ଚନ୍ଦ୍ରପ୍ରଭା ବଟୀ | ୫୦ |
| ୨୩. ଶୁଳବଜ୍ରିଣୀ ବଟୀ | ୫୦ |
| ୨୪. ଇନ୍ଦ୍ରାୟଣ ବଟୀ | ୫୦ |
| ୨୫. ଲକ୍ଷ୍ମୀବିଳାସ ରସ | ୫୦ |
| ୨୬. ସୋମନାଥ ରସ | ୩୦୦ |

## ଆମର ଓଡ଼ିଆ ପ୍ରକାଶନ

| | |
|---|---|
| ୧. ସତ୍ୟାର୍ଥ ପ୍ରକାଶ (ପୂର୍ବାର୍ଦ୍ଧ, ଉତ୍ତରାର୍ଦ୍ଧ) | ୧୧୦.୦୦ |
| ୨.ଋଗ୍‌ବେଦାଦି ଭାଷ୍ୟଭୂମିକା | ୧୦୦.୦୦ |
| ୩. ସଂସ୍କାର ବିଧି | ୩୦.୦୦ |
| ୪. ଭ୍ରାତୃ ଭକ୍ତି | ୩୦.୦୦ |
| ୫. ଆର୍ଯ୍ୟାଭିବିନୟ | ୫୦.୦୦ |
| ୬. ଆଧ୍ୟାତ୍ମ ସରୋବର | ୨୦.୦୦ |
| ୭. ମହର୍ଷି ଦୟାନନ୍ଦଙ୍କର ସଂକ୍ଷିପ୍ତ ଜୀବନ ଚରିତ୍ର - | ୧୦.୦୦ |
| ୮. ସୁଖୀ ଗୃହସ୍ଥ | ୧୦.୦୦ |
| ୯. ଯୋଗାସନ ପ୍ରାଣାୟାମ | ୧୫.୦୦ |
| ୧୦. ସରଳ ଚିକିତ୍ସା ପଦ୍ଧତି | ୧୦.୦୦ |
| ୧୧. ଆଧ୍ୟାତ୍ମିକ ଗଳ୍ପମାଳା | ୫୦.୦୦ |
| ୧୨. ସ୍ୱାସ୍ଥ୍ୟରମହାନ୍ ଶତ୍ରୁ ଅଣ୍ଡା | ୫.୦୦ |
| ୧୩. ଆଧ୍ୟାତ୍ମିକ ସନ୍ଦେଶ | ୩୫.୦୦ |
| ୧୪. ବ୍ୟବହାର ଭାନୁ | ୧୨.୦୦ |
| ୧୫. ମାଂସ ଜଣ ମନୁଷ୍ୟର ଭୋଜନ | ୬.୦୦ |
| ୧୬. ବ୍ରହ୍ମଚର୍ଯ୍ୟ ହିଁ ଜୀବନ | ୧୫.୦୦ |

**"ସ୍ୱାଧ୍ୟାୟନ୍ମା ପ୍ରମଦଃ"**

ସ୍ୱାଧ୍ୟାୟ କରିବାପାଇଁ ପ୍ରମାଦ (ଆଳସ୍ୟ) କରନ୍ତୁନାହିଁ।

# ପ୍ରାଚୀନ ଭାରତୀୟ ବିଦ୍ୟାସଭା ଗୁରୁକୁଳ ଆଶ୍ରମ ଆମସେନା ଦ୍ୱାରା ନିର୍ମିତ କେତେକ ଗୁଣକାରୀ ଔଷଧି ସମୂହ ॥

**୧. ଚ୍ୟବନପ୍ରାଶ :-** ଚ୍ୟବନପ୍ରାଶ ହେଉଛି ସି ଭିଟାମିନ୍ ପରିପୂର୍ଣ୍ଣ ଏକ ରସାୟନ । ଏହାକୁ ସେବନ କଲେ ଶରୀର ସ୍ୱସ୍ଥ ରହିଥାଏ । ଏହି ସ୍ୱାସ୍ଥ୍ୟ ବର୍ଦ୍ଧକ ଅବଲେହଟି ଶରୀରର ଦୁର୍ବଳତା, ହୃଦୟର କନ, ପୁରୁଣା ଶ୍ୱାସ କାଶ ଏବଂ କ୍ଷୟ ରୋଗରେ ଅତ୍ୟନ୍ତ ଲାଭଦାୟକ ଅଟେ ।

**୨. ଆୟୁର୍ବେଦିକ ଚା :-** ଦେଶୀ ଚେରମୂଳି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଚା ସୁମଧୁର ପେୟ ଅଟେ । ଏହାରି ସେବନରେ ଜ୍ୱର, କାଶ, ସର୍ଦ୍ଦି, ଇନ୍‌ଫ୍ଲୁଏଞ୍ଜା ଦୂର ହୋଇଥାଏ ଓ ଅଜୀର୍ଣ୍ଣ ମଧ୍ୟ ଦୂର ହୋଇଥାଏ ।

**୩. ବଳଦାମୃତ :-** ଅଙ୍ଗୁର, ସେଓ, ଡାଳିମ୍ବ, ସନ୍ତରା, ନାଶପାତି ଆଦିର ରସ ତଥା ପିସ୍ତାବାଦାମ, କେଶର ଆଦି ଉତ୍ତମ ପୁଷ୍ଟିକର ପଦାର୍ଥ ଦ୍ୱାରା ନିର୍ମିତ ଏହି ଔଷଧ ମସ୍ତିଷ୍କ , ଉଦର ସଂପର୍କୀୟ ରୋଗକୁ ଦୂରକରି କାଶ, ଶ୍ୱାସ, ଯକ୍ଷ୍ମା, ଫୁସ୍‌ଫୁସ୍‌ର ଦୁର୍ବଳତାକୁ ଦୂରକରି ଶରୀରକୁ ଶକ୍ତିଶାଳୀ କରିଥାଏ । ମାନସିକ ଶକ୍ତି ପ୍ରୟୋଗ କରି କାର୍ଯ୍ୟରତ ବ୍ୟକ୍ତିମାନେ ଏହାକୁ ସେବନ କରିବା ଅତ୍ୟନ୍ତ ଆବଶ୍ୟକ ।

**୪. ଧାତୁପୌଷ୍ଟିକ ଚୂର୍ଣ୍ଣ :-** ଏହି ଚୂର୍ଣ୍ଣ ବୀର୍ଯ୍ୟ ସଂପର୍କୀୟ ଯାବତୀୟ ରୋଗପାଇଁ ବିଶେଷ ଲାଭଦାୟକ ଅଟେ । ଏହାକୁ ନିରନ୍ତର ସେବନ କରିବା ଦ୍ୱାରା ଶରୀର ତେଜ, ଓଜ ଦ୍ୱାରା ଭରପୂର ହୋଇଥାଏ । ଏହି ଚୂର୍ଣ୍ଣ ନବଯୁବକମାନଙ୍କ ପାଇଁ ବିଶେଷ ଲାଭଦାୟକ ଅଟେ ।

---

**ନାନାଶ୍ରାନ୍ତାୟ ଶ୍ରୀରସ୍ତି ପାପୋ ନୃଷଦ୍‌ବରୋ ଜନଃ ।**
**ଇନ୍ଦ୍ର ଉଚ୍ଚରତ୍ ସଖା । ଚରୈବେତି ଚରୈବେତି ॥**

ଯେଉଁ ବ୍ୟକ୍ତି ପୂର୍ଣ୍ଣ ଶ୍ରମ କରନ୍ତି ନାହିଁ, ତାଙ୍କୁ ଲକ୍ଷ୍ମୀ ମିଳନ୍ତି ନାହିଁ । ଆଳସ୍ୟ ପରାୟଣ ପୁରୁଷ ବା ଆଳସ୍ୟ ପରାୟଣା ସ୍ତ୍ରୀ ପାପୀ ବୋଲି ଆଖ୍ୟାୟିତ ହୋଇ ଥାଆନ୍ତି । ଭଗବାନ ପରିଶ୍ରମୀ ଲୋକଙ୍କୁ ମିତ୍ର କରି ନିଅନ୍ତି । ଅତଃ ପରିଶ୍ରମ କର, ପୁରୁଷାର୍ଥ କର, ଫଳରେ ରାଷ୍ଟ୍ରର ଉନ୍ନତି ହୋଇ ପାରିବ । ଏହି ବୃହତ୍ ଶବ୍ଦକୁ ସେଥିପାଇଁ ଅତ୍ୟନ୍ତ ମହତ୍ତ୍ୱ ଦେବା ଉଚିତ୍ ।

**ଦଣ୍ଡ ଶାସ୍ତି ପ୍ରଜାଃ ସର୍ବା ଦଣ୍ଡ ଏବାଭିରକ୍ଷତି ।**
**ଦଣ୍ଡ ସୁପ୍ତେଷୁଜାଗର୍ତି ଦଣ୍ଡଂ ଧର୍ମ ବିଦୁର୍ବୁଧାଃ ॥**

ଦଣ୍ଡ ପ୍ରଜା ଉପରେ ଶାସନ କରେ । ଦଣ୍ଡ ମାଧ୍ୟମରେ ମଧ୍ୟ ଧନ ଜୀବନ ରକ୍ଷା କରାଯାଏ । ଦଣ୍ଡ ମଧ୍ୟ ଶୁପ୍ତଲୋକଙ୍କୁ ଜଗାଇ ଦିଏ । ଦଣ୍ଡ ଭୟରେ ଚୋରୀ ଆଦି ଦୁଷ୍କର୍ମ ହୁଏ ନାହିଁ । ତେଣୁ ସୁଶାସନ ନିମିତ୍ତ ଅପରାଧୀ, ଦୁରାଚାରୀ, ପାପୀଗଣଙ୍କୁ କଠୋର ଦଣ୍ଡର ବ୍ୟବସ୍ଥା ରହିବା ଉଚିତ । ଏପରି ବୀରତା ନାଗରିକମାନଙ୍କ ମଧ୍ୟରେ ମିଳିବା ଆବଶ୍ୟକ ।

ଗୁରୁକୁଳର ସୁଯୋଗ୍ୟ ସ୍ନାତକ ପ. ଅରୀକ୍ଷିତ ସାସ୍ତ୍ରୀ ଗୁରୁକୁଳର ବ୍ରହ୍ମଗ୍ରୀମାନଙ୍କ ବିଶେଷ ଭୋଜନ ପାଇଁ ଏକ ଲକ୍ଷ ତେଁତିଶ ହଜାର ଟଙ୍କା ପ୍ରଦାନ କରିଛନ୍ତି ।









ଗୁରୁକୁଳର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଗୁରୁକୁଳର ସ୍ନାତକ ମାନଙ୍କ ବୈଠକ ସଂପନ୍ନ ।





R.N.I. No. ORIORI/2000/1950
P.R.No. Kalahandi/03/2016-2018

ପ୍ରାଚୀନ ଭାରତୀୟ ବିଦ୍ୟାସଭା ପରିଚ୍ଳନା ସମିତି ଦ୍ୱାରା ସଞ୍ଚାଳିତ





ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ ଆମସେନା
50
ସୁବର୍ଣ୍ଣ ଜୟନ୍ତୀ ବର୍ଷ
୧୯୬୮-୨୦୧୭




# ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର

## ୨୩,୨୪,୨୫ ଡିସେମ୍ବର ୨୦୧୭






ପ୍ରାପ୍ତେଷୁ,

..................................................................................................

..................................................................................................

..................................................................................................

**ପ୍ରତିଖଣ୍ଡ ୧୦ ଟଙ୍କା  ବାର୍ଷିକ ୧୦୦ ଟଙ୍କା  ଆଜୀବନ ୧୦୦୦ ଟଙ୍କା**

ମୁଖ୍ୟ ସଂପାଦକ : ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ଗୁରୁକୁଳ ଆଶ୍ରମ ଆମସେନା ଆନୁକୂଲ୍ୟରେ ସାରଦା ଅପ୍‌ସେଟ୍ ପ୍ରିଣ୍ଟର୍ସ୍, ଗ୍ରାମ- ଡୁଣ୍ଡା, ସେଜ୍‌ବହାର ରୋଡ୍, ରାୟପୁରଦ୍ୱାରା ମୁଦ୍ରିତ କରାଇ ପ୍ରକାଶିତ ମଧ୍ୟ କରିଛନ୍ତି । ପ୍ରକାଶକ:ଗୁରୁକୁଳ ଆଶ୍ରମ, ଆମସେନା, ଖରିଆର୍ ରୋଡ୍, ନୂଆପଡ଼ା (ଓଡ଼ିଶା)